IJCRM

International Journal of Contemporary Research In Multidisciplinary

***Research Article***

# କୁଇ ଲୋକାଚାରରେ କୁଇ ଲୋକବାଦ୍ୟର ପ୍ରାଧାନ୍ୟତା – ଜନଜାତି ସଂସ୍କୃତିର ସ୍ୱରସଂହିତା ଓ ସାମାଜିକ ପ୍ରାସଙ୍ଗିକତା : ଏକ ଅନ୍ୱେଷଣ

**ସାହିଲ କୁମାର ନାୟକ [1*], ଡ଼. ସୁଚିତ୍ରା ମହାନ୍ତି [2]**

[1] ଅତିଥି ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ଭାରତ

[2] ଅଧ୍ୟାପିକା, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା, ଓଡ଼ିଶା, ଭାରତ

**Corresponding Author:** * ସାହିଲ କୁମାର ନାୟକ

**DOI:** https://doi.org/10.5281/zenodo.20177139

## Abstract

କୁଇ(କନ୍ଧ) ଜନଜାତିର ଜୀବନ-ଦର୍ଶନରେ 'ବାଦ୍ୟ-ଧ୍ୱନି' କେବଳ ଏକ ମନୋରଞ୍ଜନର ମାଧ୍ୟମ ନୁହେଁ, ଅପିତୁ ଏହା ସେମାନଙ୍କ ସାଂସ୍କୃତିକ ଚେତନାର ଏକ ଅଭିନ୍ନ ସ୍ପନ୍ଦନ। ପ୍ରକୃତିର ନିର୍ଜନ ଅରଣ୍ୟାନୀ ମଧ୍ୟରେ ନିନାଦିତ ହେଉଥିବା ଶିଙ୍ଗବାଜା, ଢୋଲ, ଏବଂ ମହୁରୀର ସ୍ୱର-ଲହରୀ କୁଇ ଲୋକାଚାରର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକଟି ସୋପାନକୁ ଋଦ୍ଧିମନ୍ତ କରିଥାଏ। ଏହି ପ୍ରବନ୍ଧରେ କୁଇ ସଂସ୍କୃତିର ସେହି ଅଦୃଶ୍ୟ ଧ୍ୱନି-ବିଜ୍ଞାନକୁ ଏକ ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରାଯାଇଛି। ବିଶେଷକରି ମାଙ୍ଗଳିକ ବିବାହ ଉତ୍ସବରେ 'ମହୁରୀ'ର ବିଦାୟୀ ମୂର୍ଚ୍ଛନା, ପର୍ବପର୍ବାଣୀରେ 'ଢୁଲ'(ଢୋଲ)ର ବୀରତ୍ୱପୂର୍ଣ୍ଣ ଗର୍ଜନ ଏବଂ ଶୋକାକୁଳ ମୁହୂର୍ତ୍ତରେ 'ଡ଼ଲ୍-ଗୁ' (ସାଙ୍ଗ/ଟାଙ୍ଗୁ)ର ଗଭୀର ସାନ୍ଦ୍ର ସ୍ୱର କିପରି ସାମାଜିକ ସଂହତି ରକ୍ଷା କରେ, ତାହା ଏଠାରେ ତଥ୍ୟଭିତ୍ତିକ ଭାବେ ଉପସ୍ଥାପିତ। ଗବେଷଣାର ଅନ୍ତର୍ନିହିତ ସତ୍ୟ ଦର୍ଶାଏ, କୁଇ ବାଦ୍ୟର ପ୍ରତ୍ୟେକଟି 'ତାଳ' ମଧ୍ୟରେ ଏକ ଜୀବନ୍ତ ଇତିହାସ ଓ ପାରମ୍ପରିକ ଛନ୍ଦ ଲୁଚି ରହିଛି। ଆଧୁନିକତାର ପ୍ରଖର ସ୍ରୋତରେ ଏହି ଆଦିମ ଲୋକକଳା ଯେପରି ବିଲୁପ୍ତ ନହୁଏ, ସେଥିପାଇଁ ଏହାର ସଂରକ୍ଷଣ ଓ ଶାସ୍ତ୍ରୀୟ ମୂଲ୍ୟାୟନ ନିତାନ୍ତ ଜରୁରୀ। ଏହି ପ୍ରବନ୍ଧରେ କୁଇ ସମାଜର ବାଦ୍ୟ ପରମ୍ପରାକୁ କେବଳ ଏକ ମନୋରଞ୍ଜନର ମାଧ୍ୟମ ଭାବେ ନୁହେଁ, ବରଂ ଏକ ଆଧ୍ୟାତ୍ମିକ ସେତୁ ଏବଂ ସାମାଜିକ ସମ୍ବିଧାନ ଭାବେ ପ୍ରତିଷ୍ଠିତ କରିବାକୁ ଏକ କ୍ଷୁଦ୍ର ପ୍ରୟାସ କରାଯାଇଛି। ପରିଶେଷରେ, ଏହି ପ୍ରବନ୍ଧଟି ଅରଣ୍ୟବାସୀଙ୍କ ଜୀବନ ସଙ୍ଗୀତକୁ ଲୋକଦରବାରରେ ସମ୍ୟକ୍ ନୂତନ ପରିଚୟ ପ୍ରଦାନ କରିବା ସହ କୁଇ ଲୋକ-ସଂସ୍କୃତିର ସୁରକ୍ଷା ପାଇଁ ଏକ ବିନମ୍ର ଲଘୁ ବୌଦ୍ଧିକ ପ୍ରୟାସ ମାତ୍ର।

## Manuscript Information

- **ISSN No:** 2583-7397
- **Received:** 07-04-2026
- **Accepted:** 10-05-2026
- **Published:** 14-05-2026
- **IJCRM:**5(3); 2026: 183-192
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

## How to Cite this Article

ସାହିଲ କୁମାର ନାୟକ, ଡ଼. ସୁଚିତ୍ରା ମହାନ୍ତି. କୁଇ ଲୋକାଚାରରେ କୁଇ ଲୋକବାଦ୍ୟର ପ୍ରାଧାନ୍ୟତା - ଜନଜାତି ସଂସ୍କୃତିର ସ୍ୱରସଂହିତା ଓ ସାମାଜିକ ପ୍ରାସଙ୍ଗିକତା : ଏକ ଅନ୍ୱେଷଣ. Int J Contemp Res Multidiscip. 2026;5(3):183-192.

## Access this Article Online

www.multiarticlesjournal.com

**KEYWORDS:** କନ୍ଧ, କୁଇ-ଲୋକାଚାର, କୁଇ-ଲୋକବାଦ୍ୟ, କନ୍ଧମାଳ, କୁଇସଂସ୍କୃତି, କୁଇପର୍ବ,



© 2026 ସାହିଲ କୁମାର ନାୟକ, ଡ଼. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## 1. INTRODUCTION

### ପ୍ରକୃତିର ପ୍ରଣୟ-ପୀଠ ଓ ଆଦିମ ସୃଷ୍ଟିର ଆଦ୍ୟପଥ

ଯେଉଁଠାରେ ନୀଳିମାୟିତ ଶୈଳଶ୍ରେଣୀ ଆକାଶର ନୀଳାଞ୍ଚଳକୁ ସ୍ପର୍ଶ କରିବା ପାଇଁ ବ୍ୟାକୁଳ ହୁଅନ୍ତି, ଯେଉଁଠାରେ ଶାଳପ୍ରାଂଶୁ ଅରଣ୍ୟର ମର୍ମର ଧ୍ୱନିରେ କେଉଁ ଅଜ୍ଞାତ ବିରହୀର ଦୀର୍ଘଶ୍ୱାସ ପ୍ରତିଧ୍ୱନିତ ହୁଏ, ସେହି ରମ୍ୟ ଆରଣ୍ୟକ ଭୂଖଣ୍ଡରେ ହିଁ କୁଇ ସଂସ୍କୃତିର ମଙ୍ଗଳ ଆଳତି ସମ୍ପନ୍ନ ହୁଏ। ଏହା କେବଳ ଏକ ସଭ୍ୟତାର ପରିଚୟ ନୁହେଁ, ବରଂ ପ୍ରକୃତି ଓ ପୁରୁଷର ସେହି ଶାଶ୍ୱତ ପ୍ରେମାଲିଙ୍ଗନର ଏକ ସାଙ୍ଗୀତିକ ରୂପକଳ୍ପ। କନ୍ଧମାଳର ନିବିଡ଼ କାନ୍ତାର ମଧ୍ୟରେ ଝରଣାର କୁଳୁକୁଳୁ ନାଦ ଯେମିତି କେଉଁ ଅଭିସାରିକାର କଙ୍କଣ କ୍ୱଣନ ସଦୃଶ ମନେହୁଏ, ସେହିପରି କୁଇ ଜନଜାତିର ପ୍ରତିଟି ଲୋକବାଦ୍ୟ ମଧ୍ୟରେ ଲୁକ୍କାୟିତ ହୋଇ ରହିଛି ଏକ କାବ୍ୟିକ ଚେତନା। ଆଦିମ ମାନବ ଯେତେବେଳେ ପ୍ରଥମେ ନୀଳ ଅମ୍ବରରୁ ବାରିବର୍ଷଣର ସୁତାଳ ଶୁଣିଥିଲା, ବାତ୍ୟାର ଉତ୍ତାଳ ବେଗରେ ଅରଣ୍ୟର ନୃତ୍ୟଭଙ୍ଗୀ ଦେଖିଥିଲା, ସେତେବେଳେ ତା'ର ହୃଦୟକନ୍ଦରରୁ ସ୍ୱତଃସ୍ଫୂର୍ତ୍ତ ଭାବେ ନିର୍ଗତ ହୋଇଥିଲା ଶବ୍ଦର ପ୍ରଥମ ପରିଭାଷା। କୁଇ ଲୋକବାଦ୍ୟଗୁଡ଼ିକ କୌଣସି ଯାନ୍ତ୍ରିକ କାରୁଶାଳାର ସୃଷ୍ଟି ନୁହନ୍ତି, ବରଂ ବିଶ୍ୱାସ ଅଛି ଏହା ଧରଣୀ ମାତାଙ୍କ ଗର୍ଭରୁ ନିଃସୃତ ଏକ ଶବ୍ଦମୟ ଅର୍ଘ୍ୟ। ଏହି ନାଦ ହେଉଛି ଅରଣ୍ୟ ସହ ମଣିଷର ସେହି ପବିତ୍ର ଅନୁରାଗ, ଯେଉଁଠାରେ ସୁମଧୁର ମୂର୍ଚ୍ଛନା ହିଁ ପରମସତ୍ତାଙ୍କ ନିକଟରେ ଶରଣାଗତ ହେବାର ଏକମାତ୍ର ମାଧ୍ୟମ ପାଲଟିଯାଏ।

### ଶ୍ରମର ସୁରଭି ଓ ସଙ୍ଗୀତର ସମନ୍ୱିତ ସୂତ୍ର –

କୁଇ ସଂସ୍କୃତିରେ ସଙ୍ଗୀତ କେବଳ ଇନ୍ଦ୍ରିୟାନୁଭୂତିର ସୌଖୀନ ସାମଗ୍ରୀ ନୁହେଁ, ବରଂ ଏହା ଜୀବନ-ଜିଜ୍ଞାସାର ଏକ ପ୍ରେମପୂର୍ଣ୍ଣ ସହଯାତ୍ରୀ। ଜଣେ କନ୍ଧ ଯୁବକ ଯେତେବେଳେ କାନ୍ଧରେ ହଳ-ଲଙ୍ଗଳ ଧରି ଶୈଳାରୋହଣ କରେ, ସେତେବେଳେ ତା'ର ସମସ୍ତ ଶାରୀରିକ ଅବସାଦକୁ ହରଣ କରିନିଏ 'ପିରଡି' ବା 'ବଂଶୀ'ର ସେହି ସୁଧାମୟ ସ୍ୱର। ଏହା ଏକ ବିସ୍ମୟକର କାବ୍ୟିକ ସତ୍ୟ ଯେ, କୁଇ ଜନଜାତି କଠିନ ଶ୍ରମକୁ ମଧ୍ୟ କଳାତ୍ମକ ସଙ୍ଗୀତରେ ରୂପାନ୍ତରିତ କରିବାର ମନ୍ତ୍ର ଜାଣେ। 'ଡଲା' ବା 'କନ୍ଦ୍ର'ର ପ୍ରତ୍ୟେକଟି ଆଘାତରେ ଯେଉଁ ଛନ୍ଦ ଝଙ୍କୃତ ହୁଏ, ତାହା ଶରୀରରେ ଶକ୍ତିର ସଞ୍ଚାର କରିବା ସହ ଆତ୍ମାକୁ ଏକ ଅଲୌକିକ ଆନନ୍ଦରେ ପରିପ୍ଲୁତ କରେ। ଏହି ଲୋକବାଦ୍ୟଗୁଡ଼ିକର ଅନନ୍ୟତା ସେମାନଙ୍କର ପ୍ରାକୃତିକ ସରଳତା ମଧ୍ୟରେ ହିଁ ନିହିତ। ଶୁଷ୍କ ଲାଉ କୋଷା, ବାଉଁଶର ପାତିଆ ଏବଂ ବନ୍ୟ ପଶୁଙ୍କ ସୂକ୍ଷ୍ମ ଚର୍ମରେ ନିର୍ମିତ ଏହି ବାଦ୍ୟଗୁଡ଼ିକ ସୂଚାଇ ଦିଅନ୍ତି ଯେ, ସଙ୍ଗୀତ ସୃଷ୍ଟି ପାଇଁ ବିଭବର ଆଡ଼ମ୍ବର ଆବଶ୍ୟକ ନଥାଏ, ବରଂ ଏକ ସ୍ପନ୍ଦନଶୀଳ ହୃଦୟ ହିଁ ଯଥେଷ୍ଟ। ଯେତେବେଳେ ଗ୍ରାମ୍ୟ ପ୍ରାଙ୍ଗଣରେ ଟାଙ୍ଗୁର ଶବ୍ଦ ଗୁଞ୍ଜରିତ ହୁଏ, ସେତେବେଳେ କନ୍ଧ ଯୁବକ-ଯୁବତୀଙ୍କ ପାଦରେ ଯେଉଁ ଚପଳତା ପ୍ରକଟିତ ହୁଏ, ତାହା ଋତୁଚକ୍ରର ସେହି ଶାଶ୍ୱତ ନିୟମର ଏକ ସୃଜନଶୀଳ ଉଲ୍ଲାସ। ଏହି ବାଦ୍ୟଗୁଡ଼ିକ କେବଳ ଶବ୍ଦାୟନ କରନ୍ତି ନାହିଁ, ତା'ସହ ସମାଜର ପ୍ରତିଟି ବ୍ୟକ୍ତିକୁ ଏକ ଅଦୃଶ୍ୟ ଭାବର ପ୍ରଣୟ-ସୂତ୍ରରେ ଆବଦ୍ଧ କରି ରଖନ୍ତି।

### କୁଇ ଜନଜାତି ଓ କୁଇବାଦ୍ୟ

ମାନବ ସଭ୍ୟତାର ଉନ୍ମେଷ କାଳରୁ ଶବ୍ଦ ହିଁ ସୃଷ୍ଟିର ପ୍ରାଣସ୍ପନ୍ଦନ ଭାବେ ପରିଗଣିତ ହୋଇଆସିଛି। ଆଦିମ ଅରଣ୍ୟର ନିସ୍ତବ୍ଧତାକୁ ଭେଦ କରି ଯେତେବେଳେ ପ୍ରଥମେ ସ୍ୱରର ଝଙ୍କାର ନିନାଦିତ ହୋଇଥିଲା, ସେତେବେଳେ ମନୁଷ୍ୟ ନିଜର ଆବେଗ, ଉନ୍ମାଦନା ଓ ଆଧ୍ୟାତ୍ମିକ ଅନ୍ୱେଷାକୁ ଏକ ରୂପକ ପ୍ରଦାନ କରିବାପାଇଁ ଚେଷ୍ଟା କରିଥିଲା। ଓଡ଼ିଶାର ଭୌଗୋଳିକ ମାନଚିତ୍ରରେ ପାର୍ବତ୍ୟାଞ୍ଚଳର ସୁରମ୍ୟ ପରିବେଶ ମଧ୍ୟରେ ବସବାସ କରୁଥିବା 'କୁଇ' ବା 'କନ୍ଧ' ଜନଜାତିଙ୍କ ପାଇଁ ବାଦ୍ୟ-ଧ୍ୱନି କେବଳ ଏକ ସାଙ୍ଗୀତିକ ମୂର୍ଚ୍ଛନା ନୁହେଁ, ବରଂ ଏହା ସେମାନଙ୍କର ଅସ୍ତିତ୍ୱର ଏକ ଅବିଚ୍ଛେଦ୍ୟ ଅଙ୍ଗ। କୁଇ ଲୋକାଚାରରେ ବାଦ୍ୟ ହେଉଛି ସେହି ଶାଶ୍ୱତ ସେତୁ, ଯାହା ପରିଦୃଶ୍ୟମାନ ଜଗତକୁ ଅଦୃଶ୍ୟ ଦୈବୀ ଶକ୍ତି ସହ ସଂଯୋଗ କରେ। ବିଶେଷକରି ଓଡ଼ିଶାର ବୃହତ୍ତମ ଜନଜାତି 'କନ୍ଧ' ବା 'କୁଇ' ସଂପ୍ରଦାୟର ସଂସ୍କୃତି ମଧ୍ୟରେ ସ୍ୱର ଏବଂ ତାଳର ଏକ ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳେ। ପ୍ରକୃତି କୋଳରେ ବଢୁଥିବା ଏହି ଜାତିର ଜୀବନ-ଦର୍ଶନରେ 'ବାଦ୍ୟ-ଧ୍ୱନି' କେବଳ ଏକ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ଦେବତାଙ୍କ ଆବାହନଠାରୁ ଆରମ୍ଭ କରି ଜନ୍ମ ବେଳାର ଆନନ୍ଦ ଓ ମୃତ୍ୟୁର ଶୋକ ପର୍ଯ୍ୟନ୍ତ ପ୍ରତ୍ୟେକଟି ମୁହୂର୍ତ୍ତର ମୂକ ସାକ୍ଷୀ। କୁଇ ସଂସ୍କୃତିରେ ବାଦ୍ୟ-ଧ୍ୱନିକୁ ଏକ ଆଧ୍ୟାତ୍ମିକ ସଂଯୋଗ ବୋଲି ଧରାଯାଏ। ପାହାଡ଼ର ପ୍ରତିଧ୍ୱନି ଏବଂ ଜଙ୍ଗଲର ମର୍ମର ଶବ୍ଦ ମଧ୍ୟରୁ ସୃଷ୍ଟି ହୋଇଥିବା ଏହି ବାଦ୍ୟଯନ୍ତ୍ରଗୁଡ଼ିକ କନ୍ଧ ଜୀବନର ପ୍ରାଣସ୍ପନ୍ଦନ।

### କୁଇ ଲୋକଜୀବନରେ ବାଦ୍ୟର ସାମାଜିକ ଓ ଆଧ୍ୟାତ୍ମିକ ପ୍ରାସଙ୍ଗିକତା

କୁଇ ଲୋକାଚାରରେ ବାଦ୍ୟ-ଧ୍ୱନି ସାମାଜିକ ଏକତା ଏବଂ ଗୋଷ୍ଠୀଗତ ଚେତନାର ପ୍ରତୀକ। କୌଣସି ଶୁଭ କାର୍ଯ୍ୟ ହେଉ ବା ପର୍ବପର୍ବାଣୀ, ବାଦ୍ୟ ବିନା ତାହା ସଂପୂର୍ଣ୍ଣ ହୋଇନଥାଏ। ଏହି ଧ୍ୱନି ପଛରେ ଥିବା ବିଶ୍ୱାସ ହେଉଛି ଯେ, ବାଦ୍ୟର ଗମ୍ଭୀର ଶବ୍ଦ ଅଶୁଭ ଶକ୍ତିକୁ ଦୂରେଇ ଦିଏ ଏବଂ ଗ୍ରାମ ଦେବତା ବା 'ଧରଣୀ ପେନୁ'ଙ୍କୁ ସନ୍ତୁଷ୍ଟ କରେ। ଏହି ପରିପ୍ରେକ୍ଷୀରେ ବାଦ୍ୟଯନ୍ତ୍ରଗୁଡ଼ିକୁ କେବଳ ବାଦ୍ୟ ନୁହେଁ, ବରଂ ସେମାନଙ୍କର ଆରାଧ୍ୟ ଦେବତାଙ୍କ ଅଂଶ ବିଶେଷ ଭାବେ ଗ୍ରହଣ କରାଯାଇଥାଏ।

<u>ସାଂସ୍କୃତିକ ଚେତନାରେ ଧ୍ୱନିର ଆବିର୍ଭାବ</u>: କୁଇ ସଂସ୍କୃତିରେ ବାଦ୍ୟ-ଧ୍ୱନିକୁ 'ଶବ୍ଦ-ବ୍ରହ୍ମ'ର ଏକ ରୂପାନ୍ତରିତ ପରିପ୍ରକାଶ ଭାବେ ଗ୍ରହଣ କରାଯାଏ। ପାହାଡ଼ ପୃଷ୍ଠରୁ ଖସି ପଡୁଥିବା ଝରଣାର କଳନାଦ, ଘଞ୍ଚ ଅରଣ୍ୟର ପତ୍ରମର୍ମର ଏବଂ ଉତ୍ତାଳ ପବନର ସୁ ସୁ ଶବ୍ଦ ମଧ୍ୟରୁ କନ୍ଧ ମଣିଷ ନିଜର ବାଦ୍ୟଯନ୍ତ୍ରଗୁଡ଼ିକୁ ଖୋଜି ପାଇଛି। କନ୍ଧମାଳରୁ ଆରମ୍ଭ କରି ଗଞ୍ଜାମ ଓ ରାୟଗଡ଼ାର ଶୃଙ୍ଖଳିତ ପର୍ବତମାଳା ପର୍ଯ୍ୟନ୍ତ ପ୍ରତ୍ୟେକଟି କୁଇ ଗ୍ରାମର ନୈତିକ ଓ ସାମାଜିକ ଜୀବନ ବାଦ୍ୟର ତାଳରେ ପରିଚାଳିତ। ଏହି ଧ୍ୱନି କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ଏକ ପାରମ୍ପରିକ ସମ୍ବାଦ ପଦ୍ଧତି, ଯାହା ଜଙ୍ଗଲର ମାଇଲ ମାଇଲ ବ୍ୟବଧାନକୁ ମୁହୂର୍ତ୍ତକ ମଧ୍ୟରେ ସଂକୁଚିତ କରିଦିଏ।

### ବାଦ୍ୟଯନ୍ତ୍ରର ମିଥ୍ ଓ ମୌଳିକତା

କୁଇ କିମ୍ବଦନ୍ତୀ ଓ ଲୋକକଥା ଅନୁଯାୟୀ, ବାଦ୍ୟଯନ୍ତ୍ରଗୁଡ଼ିକ କୌଣସି ଯାନ୍ତ୍ରିକ ଉଦ୍ଭାବନର ଫଳ ନୁହେଁ, ବରଂ ଏହା ଧରଣୀ ପେନୁ (ମାଟି ମାଆ)ଙ୍କ ବରଦାନ। ଯେତେବେଳେ ପ୍ରାଚୀନ କନ୍ଧ ସମାଜରେ ଶୂନ୍ୟତା ବିରାଜମାନ କରୁଥିଲା, ସେତେବେଳେ ଆକାଶରୁ ବଜ୍ରର ଗର୍ଜନ 'ନିଶାଣ'ର ରୂପ ନେଲା ଏବଂ ବନଦେବୀଙ୍କ ପ୍ରଣୟ ଗାଥା 'ମହୁରୀ'ର ସ୍ୱରରେ ରୂପାନ୍ତରିତ ହେଲା। କାଠ, ଚର୍ମ ଓ ଧାତୁର ଏହି ଅପୂର୍ବ ସମନ୍ୱୟ କୁଇ ବାଦ୍ୟଯନ୍ତ୍ରକୁ ଏକ ଶାସ୍ତ୍ରୀୟ ଗାମ୍ଭୀର୍ଯ୍ୟ ପ୍ରଦାନ କରିଛି। ନିଶାଣର ଗଭୀର ମୁଦ୍ରା ଚୋଟ ଯେତିକି ଶକ୍ତିଶାଳୀ, ଢାପ୍‌ର ତାଳ ସେତିକି ଚିତ୍ତାକର୍ଷକ ଏବଂ ମହୁରୀର ସ୍ୱର ସେତିକି ମର୍ମସ୍ପର୍ଶୀ। ଏହି ବାଦ୍ୟଗୁଡ଼ିକର ନିର୍ମାଣ ଶୈଳୀ ମଧ୍ୟରେ ଏକ ଅକୁହା ବିଜ୍ଞାନ ଲୁଚି ରହିଛି, ଯାହା ବିନା କୌଣସି ଆଧୁନିକ ମାପଯନ୍ତ୍ରରେ ପରିବେଶର ଆର୍ଦ୍ରତା ଓ ଉତ୍ତାପକୁ ସନ୍ତୁଳିତ କରି ଧ୍ୱନି ପ୍ରବାହ କରିଥାଏ।

### ଜୀବନ ସଂସ୍କାରରେ ବାଦ୍ୟର ପ୍ରାସଙ୍ଗିକତା

କୁଇ ଲୋକାଚାରରେ ବାଦ୍ୟ-ଧ୍ୱନିର ପ୍ରୟୋଗ ଅତ୍ୟନ୍ତ ସମ୍ବେଦନଶୀଳ। ଏହା ଜଣେ କନ୍ଧର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକଟି ମୁହୂର୍ତ୍ତର ମୂକ ସାକ୍ଷୀ। ଶିଶୁର ଜନ୍ମରେ ଆନନ୍ଦର 'ଢୋଲ', ଯୌବନର ବିବାହ ବେଳା ସମୟରେ ମହୁରୀର ପ୍ରେମପୂର୍ଣ୍ଣ ସ୍ୱର ଏବଂ ଜୀବନର ଅନ୍ତିମ ଯାତ୍ରା ସମୟରେ ଟାଙ୍ଗୁର ଶୋକାକୁଳ ମନ୍ଥର ଧ୍ୱନି – ଏହି ସବୁକିଛି ପ୍ରମାଣିତ କରେ ଯେ, ବାଦ୍ୟ ହିଁ ସେମାନଙ୍କର ପ୍ରକୃତ ସଙ୍ଗାତ। ବିଶେଷ କରି କୁଇ ସମାଜର ପବିତ୍ର ପର୍ବ 'କେଡୁ','ଦାର୍ନିପୂଜା', ବା 'କାନ୍ଦୁଲଯାତ୍ରା' ସମୟରେ ବାଦ୍ୟର ଧ୍ୱନି ଏକ ଆଧ୍ୟାତ୍ମିକ ଉନ୍ମାଦନା ସୃଷ୍ଟି କରେ। ଏହି ସମୟରେ ବାଦକ କେବଳ


© 2026 ସାହିଲ କୁମାର ନାୟକ, ଡ଼. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଜଣେ କଳାକାର ନୁହେଁ, ବରଂ ସେ ଜଣେ ମାଧ୍ୟମ ପାଲଟିଯାଏ, ଯିଏ ଦେବତା ଓ ମନୁଷ୍ୟ ମଧ୍ୟରେ ଭାବର ଆଦାନପ୍ରଦାନ କରିଥାଏ।

**ସାମାଜିକ ଓ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ**

ଗୋଷ୍ଠୀଗତ ଏକତା ରକ୍ଷା କରିବାରେ କୁଇ ବାଦ୍ୟ-ଧ୍ୱନିର ଭୂମିକା ଅନନ୍ୟ। ପାହାଡ଼ ମଝିରେ ବାଜୁଥିବା ବାଦ୍ୟର ଏକ ବିଶେଷ ସଙ୍କେତ ଶୁଣିବା ମାତ୍ରେ ଗ୍ରାମର ସମସ୍ତ ବୟସ୍କ ଓ ଯୁବକ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରିତ ହୁଅନ୍ତି। ଏହା ସେମାନଙ୍କ ପାଇଁ ଶାସନ, ବିଚାର ଏବଂ ସମବେତ ଶକ୍ତିର ପ୍ରତୀକ। ଶ୍ରେଣୀହୀନ କନ୍ଧ ସମାଜରେ ବାଦ୍ୟ କେବଳ ନାଚଗୀତରେ ସୀମିତ ନାହିଁ, ବରଂ ଏହା ସେମାନଙ୍କର ଲୋକ-ନ୍ୟାୟର ଏକ ଶବ୍ଦମୟ ରୂପାନ୍ତର। ଏହି ଧ୍ୱନି ମଣିଷର ଅବଚେତନ ମନରେ ସାହସ, ଭକ୍ତି ଓ ସାଂସ୍କୃତିକ ଆତ୍ମପରିଚୟ ଜାଗ୍ରତ କରେ।

**କୁଇଜାତି: ଇତିହାସ ଓ ସଂସ୍କୃତି**

ବାଦ୍ୟ-ଧ୍ୱନିକୁ ବୁଝିବା ପୂର୍ବରୁ କୁଇ ଜାତିର ଜୀବନଶୈଳୀକୁ ବୁଝିବା ନିହାତି ଆବଶ୍ୟକ। 'କୁଇ' ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି ପର୍ବତ ଶିଖରରେ ବାସ କରୁଥିବା ଲୋକ। ଏହି ଜାତିର ଲୋକମାନେ ଅତ୍ୟନ୍ତ ସ୍ୱାଭିମାନୀ, ସରଳ ଏବଂ ପ୍ରକୃତିର ସନ୍ତାନ। ସେମାନଙ୍କର ପ୍ରତ୍ୟେକଟି କାର୍ଯ୍ୟ ଗୋଷ୍ଠୀଗତ ଭାବେ ସଂପାଦିତ ହୋଇଥାଏ। ଧରଣୀ ମାତା ବା 'ତାନା ପେନୁ' ସେମାନଙ୍କର ସର୍ବଶ୍ରେଷ୍ଠ ଆରାଧ୍ୟା ଦେବୀ। ଖାଦ୍ୟ ସଂଗ୍ରହ ହେଉ ବା ପର୍ବପର୍ବାଣୀ, ସବୁଠି ଏକ ସାମୂହିକ ସ୍ୱର ଶୁଣିବାକୁ ମିଳେ। ଏହି ସାମୂହିକତାରୁ ହିଁ ସୃଷ୍ଟି ହୋଇଛି ବାଦ୍ୟର ସମବେତ ମୂର୍ଚ୍ଛନା। ଯେତେବେଳେ କନ୍ଧ ଯୁବକ ଡାପ୍‌ଟିକୁ କାନ୍ଧରେ ପକାଇ ନାଚିବାକୁ ବାହାରେ, ସେତେବେଳେ ତାର ପୈତୃକ ଗର୍ବ ଏବଂ ପାରମ୍ପରିକ ବୀରତ୍ୱ ବାଦ୍ୟର ପ୍ରତ୍ୟେକଟି ଚୋଟରେ ବାରି ହୋଇପଡ଼େ।

**କୁଇ ଲୋକାଚାରରେ ବ୍ୟବହୃତ ବିଭିନ୍ନ ବାଦ୍ୟଯନ୍ତ୍ରର ବର୍ଗୀକରଣ ଓ ବିଶ୍ଳେଷଣ-** ଗବେଷଣାରୁ ଜଣାପଡ଼େ ଯେ,ଓଡ଼ିଶାର କୁଇ ଆଦିବାସୀ ସମ୍ପ୍ରଦାୟରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପ୍ରକାରର ପାରମ୍ପରିକ ବାଦ୍ୟଯନ୍ତ୍ର ପ୍ରଚଳିତ ଥିଲା। ସେଥିମଧ୍ୟରୁ ଅନେକ ଆଜି ସମ୍ପୂର୍ଣ୍ଣ ବିଲୁପ୍ତ କିମ୍ବା ବିଲୁପ୍ତପ୍ରାୟ ଅବସ୍ଥାରେ ଅଛନ୍ତି। କୁଇ ବାଦ୍ୟଯନ୍ତ୍ରଗୁଡ଼ିକୁ ସେମାନଙ୍କର ଗଠନ ଏବଂ ଧ୍ୱନି ନିର୍ଗତ ହେବାର ଶୈଳୀ ଅନୁଯାୟୀ ମୁଖ୍ୟତଃ ୪ଭାଗରେ ବିଭକ୍ତ କରାଯାଇପାରେ।

**୧. ଆନଦ୍ଧ ବାଦ୍ୟ:** (ଚମଡ଼ା ଆଚ୍ଛାଦିତ ବାଦ୍ୟ)**:** କୁଇ ସଂସ୍କୃତିରେ ଚର୍ମ ବାଦ୍ୟର ସ୍ଥାନ ସବୁଠାରୁ ଉପରେ। ଏହି ବାଦ୍ୟଗୁଡ଼ିକ ଶକ୍ତି ଓ ଉନ୍ମାଦନାର ପ୍ରତୀକ। ଯେଉଁ ବାଦ୍ୟଗୁଡ଼ିକ ମୁଖ୍ୟତଃ ଚମଡ଼ାରେ ଆଚ୍ଛାଦିତ ଥାଏ ଏବଂ ମୃଦୁ ଆଘାତ ଦ୍ୱାରା ଏଥିରେ ଶବ୍ଦ ସୃଷ୍ଟି ହୁଏ ସେସବୁ ଏହାର ଅନ୍ତର୍ଭୁକ୍ତ। ଏହି ବାଦ୍ୟଗୁଡ଼ିକ ପୂଜା,ସଙ୍ଗୀତ ତଥା ନୃତ୍ୟରେ ତାଳ ଓ ଲୟ ରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି।

**୨. ସୁଷିର ବାଦ୍:** (ଫୁଙ୍କା ବାଦ୍ୟ)**:** ଯେଉଁ ବାଦ୍ୟଗୁଡ଼ିକରେ ବାୟୁ ପ୍ରବାହ (ଫୁଙ୍କିବା) ଦ୍ୱାରା ଶବ୍ଦ ସୃଷ୍ଟି ହୁଏ ତାହା ସୁଷିର ବାଦ୍ୟ । ଯଥା- ମହୁରୀ, ପିରଡ଼ି(ବଂଶୀ), ଶିଙ୍ଗା। -ଏଗୁଡ଼ିକ ସଙ୍ଗୀତରେ ସ୍ୱର ସୃଷ୍ଟି କରନ୍ତି ଏବଂ ଆବଶ୍ୟକ କାର୍ଯ୍ୟରେ ବ୍ୟବହୃତ ହୁଅନ୍ତି।

**୩. ତତ ବାଦ୍ୟ:** (ତାର ଯୁକ୍ତ ବାଦ୍ୟଯନ୍ତ୍ର)**:** ପତଳା, ସରୁ ବା ସୂତ୍ରାତ୍ମକ ତାରକୁ ବ୍ୟବହାର କରି ଯେଉଁ ବାଦ୍ୟ ଗୁଡ଼ିକରେ ଶବ୍ଦ ସୃଷ୍ଟି ହୋଇଥାଏ ତାହାକୁ ତତ ବାଦ୍ୟ କୁହାଯାଏ । ଏଗୁଡ଼ିକ ମୁଖ୍ୟତଃ ସ୍ୱର ସଂଯଜନା ଗାଥା ଗାୟନ ଏବଂ କରୁଣ ରସ ପରିବେଷଣ ପାଇଁ ବ୍ୟବହୃତ ହୁଏ।

**୪. ଘନ ବାଦ୍ୟ :** କାଠ କିମ୍ବା ଧାତୁରେ ନିର୍ମିତ କଠିନ ବାଦ୍ୟ, ଯାହା ପରସ୍ପର ସହ ବାଡେଇ ହେଲେ ଶବ୍ଦ ସୃଷ୍ଟି ହୁଏ। -ଏଗୁଡ଼ିକ ସଙ୍ଗୀତରେ ଛନ୍ଦ ନିୟନ୍ତ୍ରଣ କରନ୍ତି।

**କୁଇ ଲୋକବାଦ୍ୟ ଗୁଡ଼ିକର ପରିଚୟ**

**କ. ମହେରୀ(ମହୁରୀ)**

ମହେରି/ମହୁରୀ ହେଉଛି କନ୍ଧ ସଂସ୍କୃତିର ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ବାଦ୍ୟ। ଏହାର ଗଠନ ପ୍ରଣାଳୀ ଅତ୍ୟନ୍ତ ଚମତ୍କାର। ଏକ କାଠ ନଳୀର ଅଗ୍ରଭାଗରେ ପିତ୍ତଳର ଏକ ପାତ୍ର ସଂଯୋଗ କରାଯାଇଥାଏ। ଏଥିରେ ସାତୋଟି ଛିଦ୍ର ଥାଏ, ଯାହା ସପ୍ତସ୍ୱରର ସଙ୍କେତ ଦିଏ। ମହୁରୀର ସ୍ୱରକୁ 'କୁଇ-ଲୌକିକ-ସ୍ୱର' କୁହାଯାଏ। ଯେତେବେଳେ ମହୁରୀ ବାଜେ, ସେତେବେଳେ ପାହାଡ଼ ପର୍ବତର ନିଶବ୍ଦତା ଭାଙ୍ଗିଯାଏ। ଗବେଷକମାନଙ୍କ ମତରେ, ମହୁରୀର ସ୍ୱର କୁଇ ଲୋକଙ୍କର ସୁଖ ଓ ଦୁଃଖର ଏକ ସମନ୍ୱିତ ପରିପ୍ରକାଶ।

I. **ସାଂସ୍କୃତିକ ଓ ଜୀବନଧାରାରେ ମହତ୍ତ୍ୱ:** ମହୁରୀ ହେଉଛି କୁଇ ସଂସ୍କୃତିର 'ଜୀବନ୍ତ ଶ୍ୱାସ'। ଏହା କେବଳ ଏକ ବାଦ୍ୟଯନ୍ତ୍ର ନୁହେଁ, ବରଂ କୁଇ ଜୀବନର ପ୍ରତ୍ୟେକ ଶୁଭ ସ୍ପନ୍ଦନର ସଙ୍ଗୀତମୟ ଅଭିବ୍ୟକ୍ତି। ବିବାହ ଉତ୍ସବରେ ମହୁରୀର ସ୍ୱର ନୂତନ ଜୀବନର ଆବାହନ କରେ ଏବଂ ଧାର୍ମିକ ବିଧିରେ ଏହା ଦେବତାଙ୍କୁ ପ୍ରସନ୍ନ କରିବାର ମାଧ୍ୟମ ପାଲଟେ। କୁଇ ମଣିଷ ପାଇଁ ମହୁରୀର ପ୍ରତ୍ୟେକଟି ସ୍ୱର ଅରଣ୍ୟର ଶାନ୍ତି ଓ ପବିତ୍ରତାର ସମ୍ମିଳିତ ରୂପ। ଏହା ସଭ୍ୟତା ଓ ପରମ୍ପରା ମଧ୍ୟରେ ଏକ ଶବ୍ଦମୟ ସେତୁ।

II. **ନିର୍ମାଣ ବିଧି କୌଶଳ ଓ ଉପାଦାନ:** ମହୁରୀ ନିର୍ମାଣରେ ଉପାଦାନର ସନ୍ତୁଳନ ଅତି ଚମତ୍କାର। ଏହାର ମଧ୍ୟଭାଗ କାଠରେ ତିଆରି, ଯେଉଁଥିରେ ସାତୋଟି ରନ୍ଧ୍ର ଥାଏ। ଅଗ୍ରଭାଗରେ ଏକ ପିତ୍ତଳର 'ଛତି' ବା କାହାଳୀ ସଦୃଶ ଅଂଶ ଥାଏ ଯାହା ଶବ୍ଦକୁ ଚତୁର୍ଦ୍ଦିଗରେ ବିଛାଡ଼ି ଦିଏ। ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି 'ଜିଭି' ବା Reed, ଯାହା ଶୁଖିଲା ତାଳପତ୍ର ବା ବାଉଁଶ ପତ୍ରରୁ ଅତି ସୂକ୍ଷ୍ମ ଭାବେ ତିଆରି କରାଯାଏ। ଏହି ଜିଭିରୁ ହିଁ ମହୁରୀର ସ୍ୱର ନିୟନ୍ତ୍ରିତ ହୁଏ।

III. ଉପଯୋଗିତା ଓ ବ୍ୟବହାରିକତା: ବ୍ୟବହାରିକ ଭାବେ ମହୁରୀ ଏକ କଷ୍ଟସାଧ ବାଦ୍ୟ। ବାଦକକୁ ନିଜର ଶ୍ୱାସକ୍ରିୟା ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ରଖିବାକୁ ପଡ଼େ। ଏହାକୁ ଅନ୍ୟାନ୍ୟ ବାଦ୍ୟ ଯଥା ଢୋଲ ଓ ନିଶାଣ ସହ ମିଶାଇ ବଜାଗଲେ ଏକ ସଂପୂର୍ଣ୍ଣ ସଙ୍ଗୀତ ସୃଷ୍ଟି ହୁଏ। କୁଇ ସମାଜର ମାଙ୍ଗଳିକ ଓ ସାମାଜିକ ସ୍ତରରେ ଏହାର ଉପଯୋଗିତା ଅତୁଳନୀୟ।

**କୁଇ 'ମହେରୀ'ର ରାଗ ଓ ଛନ୍ଦ:** ସାଧାରଣତଃ ମହୁରୀକୁ ଏକ ଲୋକବାଦ୍ୟ କୁହାଯାଏ, କିନ୍ତୁ କୁଇ ଲୋକାଚାରରେ ଏହାର ବ୍ୟବହାର ଅତି ଗୂଢ଼। ମହୁରୀ ବଜାଇବା ସମୟରେ ବାଦକ ଯେଉଁ ସ୍ୱର ପ୍ରୟୋଗ କରେ, ତାହାକୁ ନିମ୍ନଲିଖିତ ଶ୍ରେଣୀରେ ବିଭକ୍ତ କରାଯାଇପାରେ:

**1. 'ପେନୁ-ଗୀରା':** ଦେବତା ପୂଜା ସମୟରେ ବାଜୁଥିବା ଏହି ରାଗରେ ସ୍ୱରଗୁଡ଼ିକ ତୀବ୍ର ଏବଂ ଉନ୍ମାଦନାପୂର୍ଣ୍ଣ ହୋଇଥାଏ। ଏହା 'ଭୈରବ ରାଗ' ସହ ସମତା ରକ୍ଷା କରେ।

**2. 'ରେହା-ଗୀରା':** ଯେତେବେଳେ ଉତ୍ସବ, ବିବାହ, ମେଳା, ଖୁସିଦିନ ହୁଏ ସେତେବେଳେ ଏହି ରାଗରେ ମହୁରୀ ବାଜେ, ଏହି ରାଗରେ ମହୁରୀ ବାଜିଲେ ମହୁରୀର ସ୍ୱର କୋମଳ ହୁଏ। ଏହାକୁ ସାମାଜିକ ସଂହତିର ସ୍ୱର କୁହାଯାଇପାରେ ।

**3. 'ଶାବା-ଗୀରା':** କୁଇଆଦିବାସୀଙ୍କ ପରଲୋକ ପରେ ମହୁରୀରେ ଯେଉଁ କରୁଣ ସ୍ୱର ବାଜେ, ତାହା ଶ୍ରୋତାକୁ ମୋହ-ମାୟାରୁ ଦୂରେଇ ନିଏ। ଏହି ଶବ୍ଦ ମାଧ୍ୟମରେ ମୃତ ଆତ୍ମାକୁ ପିତୃପୁରୁଷଙ୍କ ପାଖକୁ ଯିବା ପାଇଁ ରାସ୍ତା ଦେଖାଯାଏ ବୋଲି ବିଶ୍ୱାସ କରାଯାଏ।

**ଖ. ସାରଙ୍ଗି**

**I. ସାଂସ୍କୃତିକ ମହତ୍ତ୍ୱ ଓ ପାରମ୍ପରିକତା:** କୁଇ ଲୋକାଚାରରେ ସାରଙ୍ଗି ଦେଖିବାକୁ କେନ୍ଦରା ଭଳି, ଏହା ହେଉଛି 'ଭାବର ବାଦ୍ୟ'। ଏହା କେବଳ ଏକ ସାଙ୍ଗୀତିକ ଯନ୍ତ୍ର ନୁହେଁ, ଅପିତୁ ଏହା କୁଇ ଜାତିର ସହସ୍ର ବର୍ଷର କାହାଣୀ, ବେଦନା ଓ ଆଧ୍ୟାତ୍ମିକ ଦର୍ଶନକୁ ସ୍ୱରରେ ରୂପାନ୍ତରିତ କରେ। ପାରମ୍ପରିକ ଭାବେ ଏହାକୁ 'ଗାଥା/ଗୀତ


© 2026 ସାହିଲ କୁମାର ନାୟକ, ଡ଼. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଗାୟନ' ସମୟରେ ବ୍ୟବହାର କରାଯାଏ। ଯେତେବେଳେ ଜଣେ କୁଇ ବାଦକ ସାରଙ୍ଗିର ତାରକୁ ସ୍ପର୍ଶ କରେ, ସେତେବେଳେ ସେଥିରୁ ନିର୍ଗତ ହେଉଥିବା ସ୍ୱର ଅରଣ୍ୟର ପ୍ରତିଧ୍ୱନି ପରି ଶୁଭେ। ଏହା କୁଇ ଜନଜାତିଙ୍କ ମାନସିକ ଶାନ୍ତି ଓ ଦାର୍ଶନିକ ଚିନ୍ତାଧାରାର ସର୍ବଶ୍ରେଷ୍ଠ ପ୍ରତୀକ।

**II. ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହାର ନିର୍ମାଣ କୌଶଳ ଅତ୍ୟନ୍ତ ଜଟିଳ ଓ ସୂକ୍ଷ୍ମ। ଏଥିପାଇଁ ଏକ ଶୁଖିଲା ଲାଉ କୋଷା ବା କାଠର ଫମ୍ପା ଗଣ୍ଡି ବ୍ୟବହାର କରାଯାଏ। ଏହାର ମୁହଁରେ ଗୋଧି ଚର୍ମକୁ ଅତି ସତର୍କତାର ସହ ଟାଣି ବନ୍ଧାଯାଏ। ଏଥିରେ ଥିବା ତାରଟି ସାଧାରଣତଃ ପତଳା ଚର୍ମର ତାର କିମ୍ବା ସୂକ୍ଷ୍ମ ବୃକ୍ଷର ତାରରେ ତିଆରି। ବାଦ୍ୟକୁ ବଜାଇବା ପାଇଁ ବ୍ୟବହୃତ ହେଉଥିବା 'ଦଣ୍ଡ' ବା ଧନୁଟି କାଠରେ ନିର୍ମିତ ହୋଇଥାଏ। ଏହାର ସ୍ୱରକୁ ନିୟନ୍ତ୍ରଣ କରିବା ପାଇଁ ବାଦକ ଏକ ବିଶେଷ ପ୍ରକାରର ରଞ୍ଜନର ବ୍ୟବହାର କରିଥାଏ।

**III. ଉପଯୋଗିତା ଓ ବ୍ୟବହାରିକତା:** ଏହା ମୁଖ୍ୟତଃ ଗୀତ ଗାଇବା ସମୟରେ ସହ-ବାଦ୍ୟ ଭାବେ ବ୍ୟବହୃତ ହୁଏ। ବ୍ୟବହାରିକ ଭାବେ ଏହା ଏକ 'Melody' ପ୍ରଧାନ ବାଦ୍ୟ। ବାଦକ ଏହାକୁ କାନ୍ଧରେ ବା ହାତରେ ଧରି ସୂକ୍ଷ୍ମ ଆଙ୍ଗୁଠି ଚାଳନା ମାଧ୍ୟମରେ ସଙ୍ଗୀତ ସୃଷ୍ଟି କରେ। କୁଇ ସମାଜର ମାଙ୍ଗଳିକ ଉତ୍ସବ ଅପେକ୍ଷା ଆଧ୍ୟାତ୍ମିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଏହାର ଉପଯୋଗିତା ଅଧିକ।

**ଗ. ଝୁମୁକା**

**I. ସାଂସ୍କୃତିକ ମହତ୍ତ୍ୱ ଓ ପାରମ୍ପରିକତା:** ଝୁମୁକା ହେଉଛି କୁଇ ନୃତ୍ୟ ସଂସ୍କୃତିର ଅଳଙ୍କାର। ଏହା କେବଳ ଶବ୍ଦ ସୃଷ୍ଟି କରେ ନାହିଁ, ବରଂ ନୃତ୍ୟରେ ଏକ ଛନ୍ଦମୟ ଗତିଶୀଳତା ଆଣିଥାଏ। କୁଇ ଲୋକାଚାରରେ ଝୁମୁକାର ସ୍ୱରକୁ ପ୍ରକୃତିର 'ଝିଙ୍କାରୀ' ଶବ୍ଦ ସହ ତୁଳନା କରାଯାଏ। ଏହା ଆନନ୍ଦ, ଉତ୍ସାହ ଓ ଗୋଷ୍ଠୀଗତ ଉଲ୍ଲାସର ପାରମ୍ପରିକ ପ୍ରତୀକ।

**II. ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହା ମୁଖ୍ୟତଃ ଲୁହା କିମ୍ବା ପିତ୍ତଳରେ ନିର୍ମିତ। ଏକ ଲୁହା ଦଣ୍ଡର ଦୁଇ ପାର୍ଶ୍ୱରେ ଛୋଟ ଛୋଟ ପିତ୍ତଳ ବା ଲୁହା ଗୋଲକ (Ring) ଖଞ୍ଜା ଯାଇଥାଏ। ଏହି ଗୋଲକଗୁଡ଼ିକ ଭିତରେ ଛୋଟ ପଥର କିମ୍ବା ଲୁହା ଗୁଳି ଥାଏ। ଏହାର ଧାରଣ ପାଇଁ କାଠର ଏକ ବେଣ୍ଟ ବା ହ୍ୟାଣ୍ଡେଲ୍ ଲଗାଯାଏ। ଏହାର ଗଠନ ଶୈଳୀ ଅତ୍ୟନ୍ତ ମଜବୁତ ଓ ସ୍ଥାୟୀ।

**III. ଉପଯୋଗିତା ଓ ବ୍ୟବହାରିକତା:** ନୃତ୍ୟ ସମୟରେ ବାଦକ କିମ୍ବା ନର୍ତ୍ତକ ଏହାକୁ ହାତରେ ଧରି ହଲାନ୍ତି। ବ୍ୟବହାରିକ ଭାବେ ଏହାର ଶବ୍ଦ ନିଶାଣ ଓ ଢୋଲର ତାଳ ସହିତ ସମନ୍ୱୟ ରକ୍ଷା କରେ। ଏହା ଲୟ (Rhythm) ବଜାୟ ରଖିବାରେ ଏକ ମୁଖ୍ୟ ବ୍ୟବହାରିକ ଭୂମିକା ଗ୍ରହଣ କରେ।

**ଘ. ଦେଏକା (ଏକ ତାର ଯୁକ୍ତ ବାଦ୍ୟ)**

**I. ସାଂସ୍କୃତିକ ମହତ୍ତ୍ୱ ଓ ପାରମ୍ପରିକତା:** ଦେଏକା ହେଉଛି କୁଇ ସମାଜର ସବୁଠାରୁ ଆଧ୍ୟାତ୍ମିକ ଏବଂ ଦାର୍ଶନିକ ବାଦ୍ୟ। ଏହି ଏକ-ତାର ବିଶିଷ୍ଟ ବାଦ୍ୟଟି 'ଏକତ୍ୱ' ବା 'ଏକମେବାଦ୍ୱିତୀୟମ୍' ଦର୍ଶନର ପ୍ରତୀକ। କୁଇ ଧର୍ମୀୟ ପରମ୍ପରାରେ, ଦେବତାଙ୍କ ସ୍ତୁତି ବା ଜଣାଣ ସମୟରେ ଏହାକୁ ପାରମ୍ପରିକ ଭାବେ ବଜାଯାଏ। ଏହା କୁଇ ଜାତିର ସରଳତା ଓ ଭକ୍ତିର ଏକ ଜୀବନ୍ତ ସ୍ୱରୂପ।

**II. ନିର୍ମାଣ ବିଧି କୌଶଳ ଓ ଉପାଦାନ**: ଏହାର ନିର୍ମାଣ ଶୈଳୀ ଅତି ସାଧାରଣ ହେଲେ ମଧ୍ୟ ପ୍ରଭାବଶାଳୀ। ଏକ ଶୁଖିଲା ଲାଉ କୋଷାକୁ କାଟି ତା' ଉପରେ ଚମଡ଼ା ଛାଉଣି କରାଯାଏ। ଏକ ମଜବୁତ ବାଉଁଶ ବା କାଠ ବାଡ଼ିକୁ ଏହି ଲାଉ ସହ ସଂଯୋଗ କରାଯାଇ ସେଥିରେ ଗୋଟିଏ ମାତ୍ର ଲୁହା ବା ପିତ୍ତଳ ତାର ଟାଣି କରି ବନ୍ଧାଯାଏ। ଏହାର ସ୍ୱରକୁ କଠୋର ବା କୋମଳ କରିବା ପାଇଁ ଏକ କାଠର ଚିପି ବ୍ୟବହାର ହୁଏ।

**III. ଉପଯୋଗିତା ଓ ବ୍ୟବହାରିକତା:** ଏହାକୁ ଏକ ହାତରେ ଧରି ଅନ୍ୟ ହାତର ଆଙ୍ଗୁଠିରେ ତାରକୁ ଆଘାତ କରି ବଜାଯାଏ। ବ୍ୟବହାରିକ ଭାବେ ଏହାର ଶବ୍ଦ 'ଟୁଇଁ ଟୁଇଁ' ପରି ଶୁଭେ, ଯାହା ମନକୁ ଏକାଗ୍ର କରିବାରେ ସାହାଯ୍ୟ କରେ। ଏହା ମୁଖ୍ୟତଃ ସାଧୁ, ସନ୍ଥ ଓ କୁଇ ଗ୍ରାମର ମୁଖିଆମାନଙ୍କ ଦ୍ୱାରା ବେଶୀ ବ୍ୟବହୃତ ହୁଏ।

**ଙ. ଦାରା (ଛୋଟ କେନ୍ଦରା)**

**I. ପାରମ୍ପରିକତା ଓ ସାଂସ୍କୃତିକ ମହତ୍ତ୍ୱ:** କୁଇ ଲୋକକଳାରେ 'ଦାରା' ହେଉଛି ଆଧ୍ୟାତ୍ମିକତାର ଏକ ଅତି ସୂକ୍ଷ୍ମ ରୂପ। ପାରମ୍ପରିକ ଭାବେ ଏହା କୁଇ ସମାଜର 'ଦେବ-ସ୍ତୁତି' ଏବଂ 'ବଂଶ-ଗୌରବ' ଗାନ କରିବାରେ ବ୍ୟବହୃତ ହୁଏ। ସାରଙ୍ଗି ବା ବଡ଼ କେନ୍ଦରା ଅପେକ୍ଷା ଏହାର ସ୍ୱର ଅଧିକ ତୀକ୍ଷ୍ଣ ଏବଂ ମର୍ମସ୍ପର୍ଶୀ। କୁଇ ମିଥ୍ ଅନୁଯାୟୀ, ଦାରାର ସ୍ୱର ଜଙ୍ଗଲର ଅଦୃଶ୍ୟ ଆତ୍ମାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସମର୍ଥ। ଏହାକୁ ବଂଶାନୁକ୍ରମିକ ଭାବେ ଜଣେ ବାଦକ ନିଜ ପରବର୍ତ୍ତୀ ପିଢ଼ିକୁ ହସ୍ତାନ୍ତର କରେ, ଯାହା ଏକ ପବିତ୍ର ସାଂସ୍କୃତିକ ଉତ୍ତରାଧିକାରର ପ୍ରତୀକ।

**II. ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହାର ନିର୍ମାଣ ଅତ୍ୟନ୍ତ ସମୟସାପେକ୍ଷ ଏବଂ କଳାତ୍ମକ। ଏଥିପାଇଁ ଏକ ଶୁଖିଲା ନଡ଼ିଆ କାତି କିମ୍ବା ଛୋଟ ଶୁଖିଲା ଲାଉ କୋଷା ବ୍ୟବହାର କରାଯାଏ। ଏହାର ଉପରି ଭାଗରେ ଗୋଧି ଚର୍ମ କିମ୍ବା ପାତଳା ଚମଡ଼ାକୁ ଅଠା ଓ ବାଉଁଶ ଖିଲ ସାହାଯ୍ୟରେ ଢାକି ରଖାଯାଏ। ଏଥିରେ ବ୍ୟବହୃତ ଦଣ୍ଡଟି ସାଧାରଣତଃ କଠିନ କାଠ ବା ପିତ୍ତଳରେ ନିର୍ମିତ। ଏଥିରେ ଥିବା ଏକମାତ୍ର ତାରଟି ପ୍ରାଚୀନ କାଳରେ ପଶୁର ଅନ୍ତ ବା ଶିରାପ୍ରଶିରାରୁ ତିଆରି ହେଉଥିବା ବେଳେ ବର୍ତ୍ତମାନ ଧାତବ ତାରର ବ୍ୟବହାର ହେଉଛି। ବାଉଁଶର ଏକ ଧନୁ ଯେଉଁଥିରେ ଘୋଡ଼ା ଲାଞ୍ଜର କେଶ ଥାଏ, ତାକୁ ଏହି ତାର ଉପରେ ଘର୍ଷଣ କରି ସ୍ୱର ସୃଷ୍ଟି କରାଯାଏ।

**III. ଉପଯୋଗିତା ଓ ବ୍ୟବହାରିକତା:** ଦାରା ମୁଖ୍ୟତଃ ଭ୍ରାମ୍ୟମାଣ ଗାୟକମାନଙ୍କର ସାଥୀ। ବ୍ୟବହାରିକ ଭାବେ ଏହା ଏକାକୀ ବଜାଇ ଶୋକଗୀତ କିମ୍ବା ଜୀବନର ଗଭୀର ଦର୍ଶନ ସମ୍ବଳିତ ଗୀତ ଗାଇବାରେ ସହାୟକ ହୁଏ। ଏହାକୁ ଧରିବା ପାଇଁ ବାଦକ ଏହାକୁ ଛାତି ପାଖରେ ରଖି ଡାହାଣ ହାତରେ ଧନୁ ଚାଳନା କରେ ଏବଂ ବାମ ହାତର ଆଙ୍ଗୁଠିରେ ତାରର କମ୍ପନକୁ ନିୟନ୍ତ୍ରଣ କରେ। କୁଇ ପରମ୍ପରାରେ ଏହା 'ଦର୍ଶନର ବାଦ୍ୟ' ଭାବେ ବହୁଳ ଉପଯୋଗୀ।

**ଚ. ଡଲ୍-ଗୁ (ଟାଙ୍ଗୁ)**

**I. ସାଂସ୍କୃତିକ ଓ ଜୀବନଧାରାରେ ମହତ୍ତ୍ୱ**: କୁଇ ଲୋକାଚାରରେ ଟାଙ୍ଗୁ ବା ଡଲ୍-ଗୁ ହେଉଛି 'ଆତ୍ମାର କମ୍ପନ'। ଏହା କେବଳ ଉତ୍ସବର ବାଦ୍ୟ ନୁହେଁ, ବରଂ କୁଇ ଜାତିର ସାମୂହିକ ଅସ୍ତିତ୍ୱର ପରିଚୟ। ଯେତେବେଳେ ଜଙ୍ଗଲର ନିସ୍ତବ୍ଧତାକୁ ଭେଦ କରି ଟାଙ୍ଗୁର ତାଳ ଶୁଭେ, ସେତେବେଳେ ତାହା ପ୍ରତ୍ୟେକ କନ୍ଧର ରକ୍ତରେ ଏକ ଅଜ୍ଞାତ ଉତ୍ମାଦନା ସୃଷ୍ଟି କରେ। ପାରମ୍ପରିକ ଭାବେ ଏହାକୁ ପ୍ରକୃତିର ପ୍ରତିଧ୍ୱନି ଭାବେ ଗ୍ରହଣ କରାଯାଏ। କୁଇ ସମାଜରେ ଯେଉଁ 'ଡାଙ୍ଗଡ଼ା-ଡାଙ୍ଗଡ଼ି' ନୃତ୍ୟ ପ୍ରଚଳିତ, ସେଥିରେ ଟାଙ୍ଗୁ ହେଉଛି ମୁଖ୍ୟ ଆତ୍ମା। ଏହି ବାଦ୍ୟର ପ୍ରତ୍ୟେକଟି ଚୋଟ ମଣିଷକୁ ତାର ମୂଳ ମାଟି ସହ ସଂଯୋଗ କରେ।

**II. ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହାର ନିର୍ମାଣ ଏକ ପବିତ୍ର ଅନୁଷ୍ଠାନ ପରି। ପ୍ରଥମେ ଖଇର ବା ଶାଳ କାଠରେ ପ୍ରାୟ ୧.୫ ରୁ ୨ ଫୁଟ୍ ବ୍ୟାସର ଏକ ବୃତ୍ତାକାର ବଳୟ ତିଆରି ହୁଏ। ଏହାକୁ ଖଞ୍ଜିବା ପାଇଁ କୌଣସି ଲୁହା


© 2026 ସାହିଲ କୁମାର ନାୟକ, ଡ଼. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

କଣ୍ଟା ବ୍ୟବହାର ହୁଏ ନାହିଁ, ବରଂ କାଠର ଖିଲ ବ୍ୟବହାର ହୁଏ। ଏହା ଉପରେ ଚର୍ମ ଚଢ଼ାଇବା ପାଇଁ ଗୋଧି ଚର୍ମକୁ ସର୍ବୋତ୍ତମ ମନେ କରାଯାଏ, କାରଣ ଏହାର ସ୍ଥାୟୀତ୍ୱ ଓ ଶବ୍ଦ ମାଧୁର୍ଯ୍ୟ ଅଧିକ। ଚର୍ମକୁ ପାଣିରେ ଭିଜାଇ ସୂକ୍ଷ୍ମ ବାଉଁଶ ବତାରେ ଛନ୍ଦି କରି ଏପରି ଟାଣିକରି ବନ୍ଧାଯାଏ ଯେମିତି ସେଥିରେ ପବନ ରହିବ ନାହିଁ। ଏହି ନିର୍ମାଣ ବିଧି କେବଳ ଅଭିଜ୍ଞ କୁଇ କାରିଗରମାନେ ହିଁ ଜାଣନ୍ତି।

III. **ଉପଯୋଗିତା ଓ ବ୍ୟବହାରିକତା:** ଡଲ୍-ଗୁର ବ୍ୟବହାରିକତା ବହୁମୁଖୀ। ଏହାକୁ ଏକ କାନ୍ଧରେ ଝୁଲାଇ ବା ହାତରେ ଧରି ବାଡ଼ି ସାହାଯ୍ୟରେ ବଜାଯାଏ। ବ୍ୟବହାରିକ ଦୃଷ୍ଟିରୁ ଏହାର ତାଳ ଅତ୍ୟନ୍ତ ଦ୍ରୁତ, ଯାହା ଶୋଭାଯାତ୍ରା ସମୟରେ ଲୋକଙ୍କ ପାଦରେ ଜବରଦସ୍ତ ଶକ୍ତି ଭରିଦିଏ।

### ଛ. ଢୁଲ (ଢୋଲ)

I. **ପାରମ୍ପରିକତା ଓ ସାଂସ୍କୃତିକ ମହତ୍ତ୍ୱ:** କୁଇ ସମାଜରେ ଢୁଲ ବା ଢୋଲ କେବଳ ଏକ ବାଦ୍ୟ ନୁହେଁ, ଏହା ହେଉଛି ଜାତିର 'ଗର୍ବ' ଏବଂ 'ସଂକଳ୍ପ'ର ପ୍ରତୀକ। ପାରମ୍ପରିକ ଭାବେ ଢୋଲକୁ କୁଇ ସମାଜରେ ଏକ ଜୀବନ୍ତ ସତ୍ତା ଭାବେ ଗ୍ରହଣ କରାଯାଏ। ପ୍ରାଚୀନ କାଳରେ ଶତ୍ରୁ କିମ୍ବା ବନ୍ୟଜନ୍ତୁଙ୍କ ଆକ୍ରମଣ ସମୟରେ ଢୋଲର ଗଭୀର ଶବ୍ଦ ହିଁ ସମସ୍ତଙ୍କୁ ଏକାଠି କରୁଥିଲା। ଏହା କୁଇ ଜନଜାତିଙ୍କ ମଧ୍ୟରେ ସାମୂହିକ ଚେତନା ଓ ଭାଇଚାରା ସୃଷ୍ଟି କରିବାରେ ପାରମ୍ପରିକ ଭୂମିକା ଗ୍ରହଣ କରିଛି। ଯେତେବେଳେ ଗ୍ରାମର ମଝିରେ ଢୋଲ ବାଜେ, ସେତେବେଳେ ତାହା ଗୋଷ୍ଠୀର ସୁରକ୍ଷା ଓ ଏକତାର ବିଜୟ-ନାଦ ପରି ଶୁଭେ।

II. **ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହାର ନିର୍ମାଣ ଶୈଳୀ ଅତ୍ୟନ୍ତ ପରିଶ୍ରମ ସାଧ୍ୟ। ଏଥିପାଇଁ ପୁରାତନ ଗମ୍ଭାରୀ, ପଣସ କିମ୍ବା ଶାଳ କାଠର ଗଣ୍ଡିକୁ ବଛାଯାଏ। କାଠର ମଧ୍ୟଭାଗକୁ ସୂକ୍ଷ୍ମ ଭାବେ ଖୋଳି ଏକ ଫମ୍ପା ସିଲିଣ୍ଡର ସଦୃଶ ଗଠନ କରାଯାଏ। ଏହାର ଦୁଇ ପାର୍ଶ୍ୱରେ ମଇଁଷି କିମ୍ବା ବଳଦର ମୋଟା ଚର୍ମକୁ ଲଗାଯାଏ। ଏହି ଚର୍ମକୁ ଟାଣି କରି ରଖିବା ପାଇଁ ହାତରେ ବୁଣା ହୋଇଥିବା ଚମଡ଼ାର ଦଉଡ଼ି ବା 'ଗୁଜି' ବ୍ୟବହାର ହୁଏ। ବାଦ୍ୟର ଓଜନ ଓ ସନ୍ତୁଳନ ରକ୍ଷା କରିବା ପାଇଁ ବାଦକ ନିର୍ମାଣ ସମୟରେ ସ୍ୱୟଂ ଉପସ୍ଥିତ ରହିଥାଏ।

III. **ଉପଯୋଗିତା ଓ ବ୍ୟବହାରିକତା**: ଢୋଲର ବ୍ୟବହାରିକତା କୁଇ ଜୀବନର ପ୍ରତିଟି କ୍ଷେତ୍ରରେ ରହିଛି। ଶିକାର ଯିବା ବେଳେ ଏହାର ତାଳ ଅଲଗା ହୋଇଥିବା ବେଳେ ବିବାହ ବା ପର୍ବପର୍ବାଣୀରେ ଏହାର ଲୟ ଅତି ମଧୁର ଓ ଦ୍ରୁତ ହୋଇଥାଏ। ବାଦକ ନିଜର ଦୁଇ ହାତର ପାପୁଲି କିମ୍ବା କାଠି ସାହାଯ୍ୟରେ ବିଭିନ୍ନ ପ୍ରକାରର 'ବୋଲି' ବା ଶବ୍ଦ ସୃଷ୍ଟି କରେ। ବ୍ୟବହାରିକ ଭାବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶବାହକ ବାଦ୍ୟ।

### ଜ. ପିରଡି (ବଂଶୀ)

I. **ସାଂସ୍କୃତିକ ଓ ଜୀବନଧାରାରେ ମହତ୍ତ୍ୱ:** ପିରଡି ହେଉଛି କୁଇ ମଣିଷର ସବୁଠାରୁ ଆନ୍ତରିକ ଓ ଭାବପ୍ରବଣ ବାଦ୍ୟ। ଏହା କୌଣସି ଗୋଷ୍ଠୀର କୋଳାହଳ ପାଇଁ ନୁହେଁ, ବରଂ ଜଣେ କୁଇ ମଣିଷର ଅନ୍ତରର ସ୍ୱର। ପାରମ୍ପରିକ ଭାବେ କୁଇ ଯୁବକମାନେ ନିଜର ପ୍ରିୟତମାକୁ ପ୍ରେମ ନିବେଦନ କରିବା ପାଇଁ ବା ଅରଣ୍ୟର ନିରୋଳା ମୁହୂର୍ତ୍ତରେ ମାଟିର ମମତାକୁ ଅନୁଭବ କରିବା ପାଇଁ ପିରଡି ବଜାନ୍ତି। ଏହା କୁଇ ସଂସ୍କୃତିର ସ୍ୱଳ୍ପଭାଷୀ ଗୁଣ ଓ ଗଭୀର ଚିନ୍ତାଧାରାର ପ୍ରତୀକ। ଏହା ଏକ ଶାନ୍ତ ଓ ଶୀତଳ ମାନସିକତାର ପରିପ୍ରକାଶ।

II. **ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହାର ନିର୍ମାଣ ଅତ୍ୟନ୍ତ ସରଳ ହେଲେ ମଧ୍ୟ ଏକାଗ୍ରତା ଆବଶ୍ୟକ। ଏଥିପାଇଁ କନ୍ଧମାଳର ପାହାଡ଼ିଆ ଅଞ୍ଚଳରେ ମିଳୁଥିବା 'ପାରୁ' ବାଉଁଶ ବ୍ୟବହୃତ ହୁଏ। ଏହି ବାଉଁଶକୁ ପ୍ରଥମେ ନିଆଁରେ ପୋଡ଼ି ଶୁଖାଯାଏ ଯଦ୍ୱାରା ଏହାର ସ୍ଥାୟୀତ୍ୱ ବଢ଼େ। ଏହାପରେ ଏକ ଗରମ ଲୁହା କଣ୍ଟା ସାହାଯ୍ୟରେ ନିର୍ଦ୍ଦିଷ୍ଟ ମାପରେ ୭ଟି ରନ୍ଧ୍ର କରାଯାଏ। ରନ୍ଧ୍ରଗୁଡ଼ିକ ମଧ୍ୟରେ ଥିବା ବ୍ୟବଧାନ ଉପରେ ହିଁ ସ୍ୱରର ଗାମ୍ଭୀର୍ଯ୍ୟ ନିର୍ଭର କରେ। ଏହି ନିର୍ମାଣ ବିଧିରେ ବାଦକର ଅନୁଭୂତି ହିଁ ପ୍ରଧାନ ଉପାଦାନ।

III. **ଉପଯୋଗିତା ଓ ବ୍ୟବହାରିକତା:** ବ୍ୟବହାରିକ ଦୃଷ୍ଟିରୁ ଏହା ଏକ 'ସୋଲୋ' ବା ଏକାକୀ ବଜାଯାଉଥିବା ବାଦ୍ୟ। କୁଇ ଜୀବନରେ ଏହା ଅବସର ବିନୋଦନର ସର୍ବୋତ୍ତମ ମାଧ୍ୟମ। ଜଣେ ବ୍ୟକ୍ତି ଗୋରୁ ଚରାଇବା ବେଳେ ବା ଧାଙ୍ଗଡ଼ି ବସା ସାମ୍ନାରେ ବସି ଏହି ବଂଶୀ ବଜାଇ ନିଜର ମନର ବେଦନା ଓ ଆନନ୍ଦକୁ ବ୍ୟକ୍ତ କରିଥାଏ।

### ଝ. ତୁଡୁ (ଶିଙ୍ଗା)

I. **ସାଂସ୍କୃତିକ ଓ ଜୀବନଧାରାରେ ମହତ୍ତ୍ୱ:** ତୁଡୁ ବା ଶିଙ୍ଗା କୁଇ ସଂସ୍କୃତିର ଏକ 'ଔପଚାରିକ' ବାଦ୍ୟ। ଏହା କେବଳ ମନୋରଞ୍ଜନ ପାଇଁ ବଜାଯାଏ ନାହିଁ, ଏହାର ଗଭୀର ସାମାଜିକ ଓ ସାମରିକ ମହତ୍ତ୍ୱ ରହିଛି। ପାରମ୍ପରିକ ଭାବେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ବା ଗ୍ରାମ ସଭା ଡାକିବା ପାଇଁ ତୁଡୁ ବଜାଯାଇ ସମସ୍ତଙ୍କୁ ଅବଗତ କରାଯାଏ। ଏହା କୁଇ ମଣିଷର ବ୍ୟକ୍ତିତ୍ୱର ଦୃଢ଼ତା ଏବଂ ଗୋଷ୍ଠୀର ସମ୍ମାନକୁ ସୂଚିତ କରେ।

II. **ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହା ପ୍ରକୃତିର ସିଧାସଳଖ ଉପହାର। ମଇଁଷିର ବଙ୍କା ଶିଙ୍ଗକୁ ଏଥିପାଇଁ ବ୍ୟବହାର କରାଯାଏ। ଶିଙ୍ଗର ଭିତର ଅଂଶକୁ ସମ୍ପୂର୍ଣ୍ଣ ସଫା କରିବା ପରେ ତାର ମୁହଁ ପାଖରେ ଏକ ଛୋଟ ପିତ୍ତଳ ବା କାଠର ମାଉଥ୍-ପିସ୍ ଲଗାଯାଏ। ଏହାର ନିର୍ମାଣ ପାଇଁ ଶିଙ୍ଗକୁ ବିଭିନ୍ନ ତେଲରେ ଭିଜାଇ ରଖାଯାଏ ଯଦ୍ୱାରା ଏହା ଉଜ୍ଜ୍ୱଳ ଏବଂ ସୁଦୃଢ଼ ରହେ। ଏହାର ଗଠନ ଶୈଳୀ ସମ୍ପୂର୍ଣ୍ଣ ଆଦିମ ଓ କଳାତ୍ମକ।

III. **ଉପଯୋଗିତା ଓ ବ୍ୟବହାରିକତା**: ତୁଡୁର ବ୍ୟବହାରିକତା ଅତ୍ୟନ୍ତ ପ୍ରଭାବଶାଳୀ। ଏହାର ଶବ୍ଦ କିଲୋମିଟର କିଲୋମିଟର ପର୍ଯ୍ୟନ୍ତ ଶୁଭିଥାଏ। ପର୍ବପର୍ବାଣୀରେ ମହୁରୀ ସହ ତାଳ ଦେଇ ଏହାକୁ ବଜାଯାଏ। ଶିକାର ସମୟରେ ବିଭିନ୍ନ ପ୍ରକାରର ସଙ୍କେତ ଦେବା ପାଇଁ ବାଦକ ଭିନ୍ନ ଭିନ୍ନ ଶୈଳୀରେ ତୁଡୁକୁ ଫୁଙ୍କିଥାଏ।

### ଞ. କନ୍ଦ୍ର (ଖଞ୍ଜଣି)

**ପାରମ୍ପରିକତା ଓ ସାଂସ୍କୃତିକ ମହତ୍ତ୍ୱ:** କୁଇ ସମାଜରେ 'କନ୍ଦ୍ର' କେବଳ ଏକ ଚର୍ମ ବାଦ୍ୟ ନୁହେଁ, ଏହା ହେଉଛି ଆଧ୍ୟାତ୍ମିକ ଚେତନାର ଏକ ମାଧ୍ୟମ। ପାରମ୍ପରିକ ଭାବେ କୁଇ ଜନଜାତିଙ୍କ ମଧ୍ୟରେ ଯେତେବେଳେ ସାନ୍ଧ୍ୟକାଳୀନ ଭଜନ କିମ୍ବା ଗୋଷ୍ଠୀଗତ ଆଲୋଚନା ହୁଏ, ସେଠାରେ କନ୍ଦ୍ରର ଉପସ୍ଥିତି ଅନିର୍ବାର୍ଯ୍ୟ। ଏହା କୁଇ ମଣିଷର ସରଳ ବିଶ୍ୱାସ ଏବଂ ଭଗବାନଙ୍କ ପ୍ରତି ଥିବା ସମର୍ପଣ ଭାବକୁ ଶବ୍ଦରେ ରୂପାନ୍ତରିତ କରେ। ଏହା ଏକ 'ଗୋଷ୍ଠୀ ବାଦ୍ୟ' ଭାବେ ଗ୍ରାମର ଏକତା ଓ ସାମାଜିକ ସଂହତିକୁ ଦୃଢ଼ କରିବାରେ ସାଂସ୍କୃତିକ ଭୂମିକା ଗ୍ରହଣ କରିଛି।

**ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହାର ନିର୍ମାଣ ପାଇଁ ଅତି ସୂକ୍ଷ୍ମ କାରିଗରୀ ଆବଶ୍ୟକ। ଏକ ବୃତ୍ତାକାର କାଠର ଫ୍ରେମ୍ (ସାଧାରଣତଃ ଶାଳ ବା ଗମ୍ଭାରୀ କାଠ) ତିଆରି କରାଯାଏ। ଏହାର ଏକ ପାର୍ଶ୍ୱରେ ଗୋଧି ଚର୍ମକୁ ଟାଣିକରି ଲଗାଯାଏ। କୁଇ ପରମ୍ପରାରେ ଗୋଧି ଚର୍ମକୁ ଏଥିପାଇଁ ଶ୍ରେଷ୍ଠ ମନେକରାଯାଏ, କାରଣ ଏହା ବର୍ଷା ଦିନେ ମଧ୍ୟ ନିଜର ଶବ୍ଦ ଗୁଣବତ୍ତା ହରାଏ ନାହିଁ। କାଠର ଘେର ଚତୁର୍ଦ୍ଦିଗରେ କ୍ଷୁଦ୍ର ଲୁହା ବା ପିତ୍ତଳର ପାତିଆ ଲଗାଯାଏ, ଯାହାକୁ 'ଝାଞ୍ଜ' କୁହାଯାଏ।


© 2026 ସାହିଲ କୁମାର ନାୟକ, ଡ଼. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

III. **ଉପଯୋଗିତା ଓ ବ୍ୟବହାରିକତା:** ବ୍ୟବହାରିକ ଦୃଷ୍ଟିରୁ ଏହାକୁ ବାମ ହାତରେ ଧରି ଡାହାଣ ହାତର ଆଙ୍ଗୁଠି ଓ ପାପୁଲି ସାହାଯ୍ୟରେ ବିଭିନ୍ନ ଛନ୍ଦରେ ବଜାଯାଏ। ଏହା ମୁଖ୍ୟତଃ ଗ୍ରାମୀଣ ସଭା, କୀର୍ତ୍ତନ ଏବଂ କ୍ଷୁଦ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାରିକ ସଫଳତା ପ୍ରଦାନ କରେ। ଏହାର କମ୍ପନ ଶ୍ରୋତାଙ୍କ ମନରେ ଏକ ପ୍ରକାର ଶାନ୍ତି ଓ ଭକ୍ତି ରସ ସୃଷ୍ଟି କରେ।

**ଟ. ଶିଙ୍ଗବାଜା**

I. **ପାରମ୍ପରିକତା ଓ ସାଂସ୍କୃତିକ ମହତ୍ତ୍ୱ:** କୁଇ ଲୋକାଚାରରେ ଶିଙ୍ଗବାଜା ଏକ 'ଘୋଷଣା ବାଦ୍ୟ' ଏବଂ 'ଔପଚାରିକ ମର୍ଯ୍ୟାଦା'ର ପ୍ରତୀକ। ପାରମ୍ପରିକ ଭାବେ ଏହାକୁ କୌଣସି ରାଜକୀୟ ଶୋଭାଯାତ୍ରା, ବଡ଼ ଧରଣର ପର୍ବପର୍ବାଣୀ କିମ୍ବା ଶିକାର ଅଭିଯାନର ପ୍ରାରମ୍ଭରେ ବ୍ୟବହାର କରାଯାଏ। କୁଇ ବିଶ୍ୱାସରେ, ଶିଙ୍ଗବାଜାର ଗଭୀର ଓ ଦୂରଗାମୀ ଶବ୍ଦ ଅଶୁଭ ଶକ୍ତିକୁ ଦୂରେଇ ରଖେ ଏବଂ ଗ୍ରାମର ଦେବଦେବୀଙ୍କୁ ଜାଗ୍ରତ କରେ। ଏହା କନ୍ଧ ଜାତିର ବୀରତ୍ୱ ଏବଂ ପ୍ରକୃତି ସହ ସେମାନଙ୍କର ଥିବା ଆଧ୍ୟାତ୍ମିକ ସମ୍ପର୍କର ଏକ ଶବ୍ଦମୟ ପ୍ରତିରୂପ।

II. **ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହାର ମୁଖ୍ୟ ଉପାଦାନ ହେଉଛି କୃଷ୍ଣସାର/ହରିଣ, ମଇଁଷି ବା ବଳଦର ଦୀର୍ଘ ଓ ବକ୍ର ଶିଙ୍ଗ। ପ୍ରଥମେ ଶିଙ୍ଗକୁ ଗରମ ପାଣିରେ ସିଝାଇ ତାର ଭିତର ଅଂଶକୁ ସମ୍ପୂର୍ଣ୍ଣ ସଫା କରାଯାଏ। ଏହାପରେ ଏକ ସୂକ୍ଷ୍ମ ଲୁହା କଣ୍ଟା ସାହାଯ୍ୟରେ ଶିଙ୍ଗର ସଂକୁଚିତ ପ୍ରାନ୍ତରେ ଏକ ରନ୍ଧ୍ର କରାଯାଏ। ଅଧିକାଂଶ ସମୟରେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପିତ୍ତଳର ପାତିଆ କିମ୍ବା ରଙ୍ଗୀନ ସୂତାର ବ୍ୟବହାର ହୁଏ। ଏହାର ପ୍ରାକୃତିକ ଗଠନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଅଭିଜ୍ଞ କାରିଗରମାନେ କୌଣସି ଯାନ୍ତ୍ରିକ ପଦ୍ଧତି ଅବଲମ୍ବନ କରନ୍ତି ନାହିଁ।

III. **ଉପଯୋଗିତା ଓ ବ୍ୟବହାରିକତା:** ବ୍ୟବହାରିକ ଦୃଷ୍ଟିରୁ ଏହା ଏକ 'ସଂକେତ ବାଦ୍ୟ'। ଏହାର ଶବ୍ଦ ମାଇଲ୍ ମାଇଲ୍ ଦୂର ପର୍ଯ୍ୟନ୍ତ ଶୁଭିଥାଏ । ବାଦକ ନିଜର ସମସ୍ତ ଶକ୍ତି ଲଗାଇ ଏକ ନିର୍ଦ୍ଦିଷ୍ଟ ଛନ୍ଦରେ ଏହାକୁ ବଜାଇଥାଏ। ଉତ୍ସବ ସମୟରେ ଏହା ନିଶାଣ ଓ ଢୋଲ ସହ ସମନ୍ୱୟ ରକ୍ଷା କରି ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରେ।

**ଠ. ଗିଡ଼ିଡ଼ିଡ଼ି**

I. **ପାରମ୍ପରିକତା ଓ ସାଂସ୍କୃତିକ ମହତ୍ତ୍ୱ:** ଗିଡ଼ିଡ଼ିଡ଼ି ହେଉଛି କୁଇ ସମାଜର ଏକ କ୍ଷୁଦ୍ର ବାଦ୍ୟ। ପାରମ୍ପରିକ ଭାବେ ଏହା କେବଳ 'କୁଟୁମ୍ବ ପେନୁ' ବା କୁଳଦେବତାଙ୍କ ପୂଜା ସମୟରେ ବ୍ୟବହାର କରାଯାଏ। ଏହାର ଶବ୍ଦ ଶୁଣିଲେ ଗ୍ରାମବାସୀ ଜାଣିପାରନ୍ତି ଯେ କୌଣସି ଏକ ଘରେ ପବିତ୍ର ରୀତିନୀତିରେ ପୂଜା ଆରମ୍ଭ ହୋଇଛି। ଏହା ସଂଯମ ଏବଂ ପବିତ୍ରତାର ପ୍ରତୀକ।

II. **ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହା କାଠରେ ତିଆରି ଏକ କ୍ଷୁଦ୍ର ବାଦ୍ୟ, ଯାହାର ଆକୃତି ଏକ ଡମରୁ ପରି। ଏହାର ଦୁଇ ପାର୍ଶ୍ୱରେ ମାଙ୍କଡ଼ କିମ୍ବା ବାଦୁଡ଼ିର ପତଳା ଚର୍ମ ଲଗାଯାଏ। ବାଦ୍ୟର ମଝି ଭାଗରେ ଦୁଇଟି ସୂତା ଥାଏ ଯାହାର ଶେଷରେ କାଠର ଗୁଳି ବନ୍ଧା ହୋଇଥାଏ। ଏହାର ନିର୍ମାଣ ଅତ୍ୟନ୍ତ ସୂକ୍ଷ୍ମ ଏବଂ ଏଥିରେ କେବଳ ପ୍ରାକୃତିକ ରଙ୍ଗ ବ୍ୟବହାର ହୁଏ।

III. **ଉପଯୋଗିତା ଓ ବ୍ୟବହାରିକତା:** ଏହାକୁ ହାତରେ ଧରି ଦ୍ରୁତ ଗତିରେ ହଲାଇଲେ ସୂତା ଶେଷରେ ଥିବା ଗୁଳି ଦୁଇ ପାର୍ଶ୍ୱର ଚର୍ମରେ ବାଜି ଶବ୍ଦ ସୃଷ୍ଟି କରେ। ବ୍ୟବହାରିକ ଭାବେ ପୂଜା ସମୟରେ ଏହା ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ଶକ୍ତି ସଞ୍ଚାର କରେ।

**ଡ଼. ଗାଗାଡ଼ି (ବାଉଁଶ ବାଦ୍ୟ)**

I. **ପାରମ୍ପରିକତା ଓ ସାଂସ୍କୃତିକ ମହତ୍ତ୍ୱ:** ଗାଗାଡ଼ି ହେଉଛି କୁଇ ଜନଜାତିଙ୍କର 'ଶ୍ରମ ସଙ୍ଗୀତ'ର ଆଧାର। ପାରମ୍ପରିକ ଭାବେ ଚାଷ ଜମିରେ କାମ କଲାବେଳେ କିମ୍ବା ପାହାଡ଼ରେ ପଦଯାତ୍ରା କଲାବେଳେ ମନର ଆନନ୍ଦ ପାଇଁ ଏହାକୁ ବଜାଯାଏ। ଏହା କୁଇ ମଣିଷର ସୃଜନଶୀଳତା ଏବଂ ପ୍ରକୃତିର ପ୍ରତିଟି ଉପାଦାନରୁ ସଙ୍ଗୀତ ଖୋଜିବାର ପ୍ରୟାସକୁ ଦର୍ଶାଏ।

II. **ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହା ସମ୍ପୂର୍ଣ୍ଣ ରୂପେ ବାଉଁଶରେ ନିର୍ମିତ। ଏକ ଶୁଖିଲା ବାଉଁଶ ନଳୀକୁ ନେଇ ସେଥିରେ ବାଉଁଶର ଉପରି ଭାଗର ଚୋପାକୁ ପତଳା ତାର ପରି ଉଠାଯାଏ। ଏହି ତାରଗୁଡ଼ିକ ତଳେ କାଠର ଛୋଟ ଖଣ୍ଡ ଦିଆଯାଏ ଯାହାକୁ 'ଘୋଡ଼ା' କୁହାଯାଏ। ଏହା ଏକ ପ୍ରକାରର ପାରମ୍ପରିକ 'ବାଉଁଶବୀଣା '।

III. **ଉପଯୋଗିତା ଓ ବ୍ୟବହାରିକତା:** ଏହାକୁ କାନ୍ଧରେ ବା ହାତରେ ରଖି ଛୋଟ ବାଉଁଶ କାଠି ସାହାଯ୍ୟରେ ବଜାଯାଏ। ବ୍ୟବହାରିକ ଭାବେ ଏହାର ସ୍ୱର ଖୁବ୍ କୋମଳ ଓ ଶାନ୍ତିଦାୟକ। କ୍ଲାନ୍ତି ଦୂର କରିବା ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ।

**ଢ. ଗିରିଗିରି (ଘର୍ଷଣ ବାଦ୍ୟ)**

I. **ପାରମ୍ପରିକତା ଓ ସାଂସ୍କୃତିକ ମହତ୍ତ୍ୱ:** ଗିରିଗିରି ହେଉଛି କୁଇ ସମାଜର ଏକ 'ଉତ୍ସବ ସୂଚକ' ବାଦ୍ୟ। ପାରମ୍ପରିକ ଭାବେ ଗୋଷ୍ଠୀଗତ ନାଚଗୀତ ସମୟରେ ପରିବେଶକୁ ଅଧିକ କୋଳାହଳପୂର୍ଣ୍ଣ ଓ ଆନନ୍ଦଦାୟକ କରିବା ପାଇଁ ଏହା ବ୍ୟବହୃତ ହୁଏ। ଏହାର ନାମକରଣ ଏହାର ଶବ୍ଦ 'ଗିରି-ଗିରି' ଅନୁସାରେ ହୋଇଛି। ଏହା କୁଇ ମଣିଷର ଖୁସି ଓ ପାରମ୍ପରିକ ସଂହତିର ପ୍ରତୀକ।

II. **ନିର୍ମାଣ ବିଧି କୌଶଳ ଓ ଉପାଦାନ:** ଏହା କାଠ ଓ ବାଉଁଶର ଏକ ଯାନ୍ତ୍ରିକ ସମନ୍ୱୟ। ଏକ କାଠର ଗୁଳିରେ ଦାନ୍ତ ସଦୃଶ ଖୋଦେଇ କରାଯାଏ। ସେଥିରେ ଏକ ପତଳା ବାଉଁଶ ପାତିଆକୁ ସଂଯୋଗ କରାଯାଏ ଯାହା ବୁଲିବା ସମୟରେ କାଠର ଦାନ୍ତ ସହ ଘର୍ଷିତ ହୋଇ ଶବ୍ଦ ସୃଷ୍ଟି କରେ। ଏଥିପାଇଁ କଠିନ କାଠ ଓ ପତଳା ବାଉଁଶର ଆବଶ୍ୟକତା ପଡ଼େ।

III. **ଉପଯୋଗିତା ଓ ବ୍ୟବହାରିକତା:** ଏହାକୁ ହାତରେ ଧରି ଚାରିପଟେ ଘୁରାଇଲେ ଏଥିରୁ ନିରନ୍ତର ଶବ୍ଦ ବାହାରେ। ବ୍ୟବହାରିକ ଭାବେ ଏହାକୁ ବିଶେଷ କରି ଶୋଭାଯାତ୍ରା ବା ଛୋଟ ପିଲାଙ୍କ ମନୋରଞ୍ଜନ ପାଇଁ ବ୍ୟବହାର କରାଯାଏ। ଏହାର ବାଦନ ଶୈଳୀ ଅତି ସହଜ ଓ ପ୍ରାକୃତିକ।

**ବିଭିନ୍ନ ଆୟୋଜନ ଓ ବାଦ୍ୟର ବିଶିଷ୍ଟ ପ୍ରୟୋଗ**

**ବିବାହ ଲୋକାଚାର:** ଶବ୍ଦରେ ପ୍ରେମ ଓ ବିଚ୍ଛେଦର ସ୍ୱର ସହ କୁଇ ବିବାହରେ ବାଦ୍ୟର ପ୍ରୟୋଗ ଏକ ପାରମ୍ପରିକ ଶାସ୍ତ୍ରଠାରୁ କମ୍ ନୁହେଁ। ଏଠାରେ ବାଦ୍ୟ ବଜାଇବା ପାଇଁ କୌଣସି ଲିଖିତ ସ୍ୱରଲିପି ନାହିଁ, ବରଂ ଏହା ପିଢ଼ି ପରେ ପିଢ଼ି ଶ୍ରୁତି ମାଧ୍ୟମରେ ସଂରକ୍ଷିତ। ସାଧାରଣତଃ ବିବାହ ଦିନ ବାଜୁଥିବା 'ମଙ୍ଗଳ ବାଦ୍ୟ' ପରିବାରରେ ଉତ୍ସାହ ଭରିଦିଏ। ବାଦ୍ୟର ତାଳେ-ତାଳେ ନୃତ୍ୟଗୀତ ସହ ବରଯାତ୍ରୀ ଯେତେବେଳେ କନ୍ୟା ଗାଁରେ ପହଞ୍ଚନ୍ତି, ସେଠାରେ ଉଭୟ ପକ୍ଷର ବାଦକଙ୍କ ମଧ୍ୟରେ ଏକ ଅଘୋଷିତ ପ୍ରତିଯୋଗିତା ହୁଏ। ଯିଏ ଅଧିକ ସମୟ ଏବଂ ଦ୍ରୁତ ତାଳରେ ବାଦ୍ୟ ବଜାଇପାରେ, ସେହି ପକ୍ଷକୁ ଅଧିକ ଶକ୍ତିଶାଳୀ ବୋଲି ଧରାଯାଏ। ଯାହା ଏକ ସାମାଜିକ ଗର୍ବର ବିଷୟ। ବିବାହ ଶେଷରେ ଯେତେବେଳେ କନ୍ୟା ଗାଁ ସୀମା ପାର ହୁଏ, ସେତେବେଳେ


© 2026 ସାହିଲ କୁମାର ନାୟକ, ଡ଼. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ମହୁରୀ ବାଦକ 'ବିଦାୟ-ରାଗ'ର ସ୍ୱରରେ ମହୁରୀ ବଜାଏ। ବାସ୍ତବରେ ଏହି ସ୍ୱର ଏତେ ପ୍ରଭାବଶାଳୀ ଯେ ପଥର ତୁଲ୍ୟ ମଣିଷର ଆଖିରୁ ମଧ ଲୁହ ଝରିଆସେ।

**ପର୍ବପର୍ବାଣୀ ଓ ଧାର୍ମିକ ଆୟୋଜନ**: କୁଇ ଜନଜାତିଙ୍କ ମୁଖ୍ୟ ପର୍ବ ହେଉଛି 'କାନ୍ଦୁଲ ପର୍ବ', 'ନୂଆଖାଇ' ଏବଂ 'ଶାଳପୂଜା'। କୁଇ (କନ୍ଧ) ସଂସ୍କୃତିରେ ଏଗୁଡିକ କେବଳ ପର୍ବ ନୁହେଁ, ବରଂ ଏହା ପ୍ରକୃତି ସହ ମଣିଷର ଥିବା ଆଧ୍ୟାତ୍ମିକ ସମ୍ପର୍କର ପ୍ରତୀକ।

- **ମେରିଆ ପୂଜା :** ଏହି ପୂଜାରେ ଆଦିବାସୀ ବାଦ୍ୟ ଢୁଲର ଗର୍ଜନ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଢୁଲର ଶବ୍ଦ ଶୁଣିବା ମାତ୍ରେ କୁଇ ମହିଳାମାନେ ପାରମ୍ପରିକ ପୋଷାକ ପିନ୍ଧି ଗୋଲାକାର ଭାବେ ନୃତ୍ୟ କରନ୍ତି। ବାଦ୍ୟର ତାଳ ଯେତେ ଦ୍ରୁତ ହୁଏ, ନୃତ୍ୟର ଗତି ମଧ ସେତେ ବଢ଼ିଥାଏ। ଏହି ସମୟରେ ବାଦ୍ୟ-ଧ୍ୱନି ମାଧ୍ୟମରେ ଦେବତାଙ୍କୁ 'ପଶୁବଳି' ଦିଆଯାଇ ଥାଏ । ପ୍ରାଚୀନ କାଳରେ ମେରିଆ ପର୍ବରେ ନରବଳି ଦିଆଯାଉଥିବାର ସୂଚନା ମିଳେ।
- **ଶାଳପୂଜା :** କୁଇ ଲୋକାଚାରରେ 'ଶାଳପୂଜା' ବା 'ଜାକେରୀ' ପୂଜା ହେଉଛି ଅତି ପବିତ୍ର। କୁଇ ସମାଜରେ ବିଶ୍ୱାସ କରାଯାଏ ଯେ ଜଙ୍ଗଲ ହେଉଛି ସେମାନଙ୍କର ପ୍ରକୃତ ସୃଷ୍ଟିକର୍ତ୍ତା। କୌଣସି ଶୁଭ କାର୍ଯ୍ୟ କିମ୍ବା ଚାଷ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଗ୍ରାମର ମଝିରେ ଥିବା 'ଶାଳ' ବା ଧରଣୀ ପେନୁଙ୍କ ପୀଠରେ ଏହି ପୂଜା
- **କରାଯାଏ। ବାଦ୍ୟର ଭୂମିକା:** ଶାଳପୂଜା ସମୟରେ ବାଦ୍ୟର ଧ୍ୱନି ଅତ୍ୟନ୍ତ ନିୟନ୍ତ୍ରିତ ଓ ଭକ୍ତିପୂର୍ଣ୍ଣ ହୋଇଥାଏ। ମହୁରୀର ସ୍ୱରରେ ବନଦେବତାଙ୍କୁ ନିଦ୍ରାରୁ ଜାଗ୍ରତ କରାଯାଏ ଏବଂ ଢୋଲ,ନିଶାଣର ତାଳରେ ଗ୍ରାମର ଚତୁର୍ଦ୍ଦିଗକୁ ଶୁଦ୍ଧ କରାଯାଏ। ଏହା ଏକ ପ୍ରକାର 'ପରିବେଶୀୟ ବନ୍ଦନା', ଯେଉଁଠାରେ ମଣିଷ ଜଙ୍ଗଲର ସୁରକ୍ଷା ପାଇଁ ଦେବତାଙ୍କ ନିକଟରେ ଶରଣାପନ୍ନ ହୁଏ।
- **ପୁନିତିନ୍ନା (ନୂଆଁଖାଇ)** : ପୁନିତିନ୍ନା ହେଉଛି କୁଇ ଜନଜାତିଙ୍କର ଏକ ପ୍ରମୁଖ କୃଷିଭିତ୍ତିକ ପର୍ବ। ଏହା ନୂତନ ଶସ୍ୟ ପ୍ରତି ଥିବା ସମ୍ମାନ ଏବଂ କୃତଜ୍ଞତାର ପର୍ବ। ନୂଆ ଶସ୍ୟ ଅମଳ ହେବା ପରେ, ତାକୁ ପ୍ରଥମେ ଇଷ୍ଟଦେବୀ ବା ଧରଣୀ ମାତାଙ୍କ ନିକଟରେ ଅର୍ପଣ କରାଯାଏ। କନ୍ଧ ସମାଜରେ ଏହିଦିନ ସମସ୍ତେ ଏକତ୍ରିତ ହୋଇ 'ନୂଆ' ଖାଇଥାନ୍ତି, ଯାହା ଗୋଷ୍ଠୀଗତ ଏକତାକୁ ଦୃଢ଼ କରେ। **ବାଦ୍ୟ ଓ ଉତ୍ସାହ:** ନୂଆଁଖାଇ ସମୟରେ ବାଦ୍ୟର ସ୍ୱର ଅତ୍ୟନ୍ତ ଉଲ୍ଲାସମୟ ହୋଇଥାଏ। ଶିଙ୍ଗବାଜା ଏବଂ ଢୁଲର ଦ୍ରୁତ ତାଳରେ ଯୁବକ-ଯୁବତୀମାନେ ନୃତ୍ୟ କରନ୍ତି। ଏହି ବାଦ୍ୟ-ଧ୍ୱନି କେବଳ ଉତ୍ସବର ସଙ୍କେତ ନୁହେଁ, ବରଂ ଏହା କଠିନ ପରିଶ୍ରମ ପରେ ମିଳିଥିବା ସଫଳତାର ବିଜୟ-ନାଦ।

**ମୃତ୍ୟୁ ପରବର୍ତ୍ତୀ 'ମାଡ଼ା' ବିଧି**:

କୁଇ ଲୋକାଚାରରେ ମୃତ୍ୟୁ କେବଳ ଏକ ଶାରୀରିକ ଅନ୍ତ ନୁହେଁ, ବରଂ ଏହା ଆତ୍ମାର ଏକ ଜୀବନରୁ ଅନ୍ୟ ଏକ ଜୀବନକୁ ରୂପାନ୍ତରଣ। କନ୍ଧ ବ୍ୟକ୍ତିର ମୃତ୍ୟୁ ପରେ ଯେଉଁ 'ମାଡ଼ା' ବିଧି ସମ୍ପାଦିତ ହୁଏ, ତାହା ଅତ୍ୟନ୍ତ ଭାବପୂର୍ଣ୍ଣ ଏବଂ ରହସ୍ୟମୟ। ଏହି ସମୟରେ ବାଦ୍ୟ-ଧ୍ୱନିର ପ୍ରୟୋଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଭାବେ ଉଭା ହୁଏ।

**୧. ମାଡ଼ାର ସାଂସ୍କୃତିକ ତାତ୍ପର୍ଯ୍ୟ:**

କନ୍ଧ ବିଶ୍ୱାସ ଅନୁଯାୟୀ, ମୃତ୍ୟୁ ପରେ ବ୍ୟକ୍ତିର ଆତ୍ମା କିଛି ସମୟ ପାଇଁ ପରିବାର ଓ ଗ୍ରାମର ପରିବେଷ୍ଟନୀ ମଧ୍ୟରେ ରହିଥାଏ। ଏହି ଆତ୍ମାକୁ ସସମ୍ମାନେ ବିଦାୟ ଦେବା ଏବଂ ପିତୃପୁରୁଷ ବା 'ଜୀଉ' ସହ ମିଶ୍ରଣ କରାଇବା ପାଇଁ ଯେଉଁ କର୍ମକାଣ୍ଡ ହୁଏ, ତାହାକୁ 'ମାଡ଼ା' କୁହାଯାଏ। ଏହି ସମୟରେ ବାଦ୍ୟର ଧୀର ଓ ଗମ୍ଭୀର ଚୋଟ ପରିବେଶକୁ ଏକ ପ୍ରକାର ମାର୍ମିକ ନିଶବ୍ଦତାରେ ଭରିଦିଏ।

**୨. ବାଦ୍ୟ-ଧ୍ୱନି ଓ ମାଡ଼ା ବିଧି:**

ମାଡ଼ା ସମୟରେ ବଜାଯାଉଥିବା ବାଦ୍ୟକୁ 'ଶୋକ-ବାଦ୍ୟ' କୁହାଯାଏ। ମହୁରୀର କରୁଣ କ୍ରନ୍ଦନ ନାଦ ଓ ଡ଼ଲଗୁର ପ୍ରତ୍ୟେକଟି ଆଘାତ ଅତ୍ୟନ୍ତ ମନ୍ଥର ହୋଇଥାଏ। ଏହି ଧ୍ୱନି ସଙ୍କେତ ଦିଏ ଯେ, ମର୍ତ୍ତ୍ୟରୁ ଜଣେ ମଣିଷ ବିଦାୟ ନେଇଛି ଏବଂ ସେ ଏବେ ଅନନ୍ତ ଯାତ୍ରାର ପଥଚାରୀ। ଏହି ଧ୍ୱନିର କମ୍ପନ ମୃତ ବ୍ୟକ୍ତିର ପରିବାରବର୍ଗଙ୍କୁ ଶୋକ ସହିବାର ଶକ୍ତି ଦିଏ ଏବଂ ଗ୍ରାମବାସୀଙ୍କୁ ଏହି ପବିତ୍ର ଶୋକ-ସଭାରେ ସାମିଲ ହେବାକୁ ଆହ୍ୱାନ କରେ।

**୩. ଆତ୍ମାର ବିଶୁଦ୍ଧିକରଣ:**

ମାଡ଼ା ବିଧି ସମୟରେ ମହୁରୀର ସ୍ୱରରେ ଏକ ବିରହର ମୂର୍ଚ୍ଛନା ଶୁଣିବାକୁ ମିଳେ। କୁଇ ଲୋକକଥା ଅନୁସାରେ, ଏହି ସ୍ୱର ମୃତ ଆତ୍ମାକୁ ତା'ର ପାର୍ଥିବ ବନ୍ଧନରୁ ମୁକ୍ତ କରିବାରେ ସାହାଯ୍ୟ କରେ। ବାଦ୍ୟର ତାଳ ଯେତିକି ଶୁଦ୍ଧ ଓ ନିଖୁଣ ହୁଏ, ମାଡ଼ା ବିଧି ସେତିକି ସଫଳ ହୁଏ ବୋଲି ବିଶ୍ୱାସ କରାଯାଏ। ଏହା ଏକ ପ୍ରକାର 'ଧ୍ୱନି-ବିଦାୟୀ' (Sonic Farewell) ଯାହା କେବଳ କନ୍ଧ ସଂସ୍କୃତିରେ ହିଁ ଦେଖିବାକୁ ମିଳେ।

**୪. ସାମାଜିକ ବିଧି ଓ ମାଡ଼ା:**

ମାଡ଼ା କାର୍ଯ୍ୟରେ ଗ୍ରାମର ସମସ୍ତ ସଦସ୍ୟ ଏକତ୍ରିତ ହୁଅନ୍ତି। ବାଦ୍ୟର ସ୍ୱର ଶୁଣିବା ମାତ୍ରେ ଲୋକେ ଜାଣିପାରନ୍ତି ଯେ 'ମାଡ଼ା' ଆରମ୍ଭ ହୋଇଛି। ଏଠାରେ ବାଦ୍ୟ କେବଳ ଶବ୍ଦ ନୁହେଁ, ଏହା ମୃତ ବ୍ୟକ୍ତିର ସମ୍ମାନାର୍ଥେ ଏକ ସାମୂହିକ ପ୍ରାର୍ଥନା। ଏହି ପରମ୍ପରା ଦର୍ଶାଏ ଯେ କନ୍ଧ ସମାଜରେ ଜନ୍ମ ଉତ୍ସବ ଯେତିକି ଗୁରୁତ୍ୱପୂର୍ଣ୍ଣ, ମୃତ୍ୟୁ ପରବର୍ତ୍ତୀ ମାଡ଼ା ବିଧି ମଧ ସେତିକି ମର୍ଯ୍ୟାଦାଜନକ।

**ଋତୁଚକ୍ରର ଆବର୍ତ୍ତନ ଏବଂ ବାଦ୍ୟ-ଧ୍ୱନିର ରୂପାନ୍ତରଣ -** କୁଇ ଲୋକଜୀବନରେ ବାଦ୍ୟ କେବଳ ଏକ ନିର୍ଜୀବ ଯନ୍ତ୍ର ନୁହେଁ, ଏହା ପ୍ରକୃତିର ଋତୁ ପରିବର୍ତ୍ତନ ସହ ନିଜର ସ୍ୱର ପରିବର୍ତ୍ତନ କରେ। ଏହି ପରିବର୍ତ୍ତନ କେବଳ ଯାନ୍ତ୍ରିକ ନୁହେଁ, ବରଂ ଏହା ଏକ ପାରମ୍ପରିକ ବିଜ୍ଞାନ ଉପରେ ଆଧାରିତ।

**ଗ୍ରୀଷ୍ମର ପ୍ରଖରତା ଓ ବାଦ୍ୟର ନାଦ:-** ଫାଲ୍ଗୁନ ଓ ଚୈତ୍ର ମାସର ଆଗମନ ସହ କନ୍ଧ ଜନଜୀବନରେ ମହୁଲଫୁଲ ସଂଗ୍ରହ ଓ 'ଚଇତି ପର୍ବ'ର ଉନ୍ମାଦନା ଖେଳିଯାଏ। ଏହି ସମୟରେ ବାୟୁମଣ୍ଡଳ ଶୁଷ୍କ ଥାଏ, ଯାହା ଚର୍ମ ବାଦ୍ୟ ପାଇଁ ଅତ୍ୟନ୍ତ ଅନୁକୂଳ। ବାଦ୍ୟର ଚମଡ଼ାକୁ ଏହି ସମୟରେ ମହୁଲତେଲ ବା କୁସୁମତେଲରେ ମର୍ଦ୍ଦନ କରାଯାଇ ଖରାରେ ସେକାଯାଏ। ଏହା ଫଳରେ ବାଦ୍ୟରୁ ନିର୍ଗତ ହେଉଥିବା ଶବ୍ଦ ଅଧିକ ଗମ୍ଭୀର ଏବଂ ଦୂରବ୍ୟାପୀ ହୁଏ। ଗ୍ରୀଷ୍ମର ଉତ୍ତପ୍ତ ଦ୍ୱିପ୍ରହରରେ ଯେତେବେଳେ କନ୍ଧ ଶିକାରୀ ପାହାଡ଼କୁ ଯାଏ, ସେତେବେଳେ 'କାଠବାଦ୍ୟ'ର ଓ 'ତୁଡୁ'ର ଦ୍ରୁତ ନାଦ ତା' ଶରୀରରେ ଏକ ଅଦମ୍ୟ ଶକ୍ତିସଞ୍ଚାର କରେ। ଏହାକୁ 'ଶିକାରତାଳ' ବୋଲି କୁହାଯାଇପାରେ।

**ବର୍ଷାର ସଜଳତା ଓ 'ମହୁରୀ'ର ଭାବପୂର୍ଣ୍ଣ ସ୍ୱର:** ବର୍ଷା ଋତୁରେ ପରିବେଶ ଆଦ୍ର ରହେ। ଏହି ସମୟରେ ଚର୍ମ ବାଦ୍ୟଗୁଡ଼ିକ ଶିଥିଳ ହୋଇଯାନ୍ତି, ତେଣୁ ସେମାନଙ୍କର ବ୍ୟବହାର କମିଯାଏ। ମାତ୍ର ଏହି ସମୟରେ 'ମହୁରୀ' ଏବଂ 'ପିରଡି'(ବଂଶୀ)ର ସ୍ୱରରେ ଏକ ନୂତନ ମାଧୁର୍ଯ୍ୟ ଭରିଯାଏ। କାଦୁଅରେ ଧାନ ରୋଇବା ସମୟରେ ବା ଜମିକୁ ହଳ କରିବା ବେଳେ କୁଇ ଯୁବକମାନେ କୁଇ ଲୋକଗୀତ ସହ ବଂଶୀ ବା ମହୁରୀର ସାହାଯ୍ୟ ନିଅନ୍ତି। ବର୍ଷାର ରିମ୍‌ଝିମ୍ ଶବ୍ଦ ସହ ମହୁରୀ ତଥା ବଂଶୀର ସେହି ସ୍ୱର ପ୍ରେମ ଓ ପ୍ରତୀକ୍ଷାର ପ୍ରତୀକ ପାଲଟିଯାଏ। ଏହାକୁ 'ବର୍ଷାମେଳକ' କୁହାଯାଇପାରେ।



© 2026 ସାହିଲ କୁମାର ନାୟକ, ଡ଼. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ବାଦ୍ୟ ନିର୍ମାଣର ଗୂଢ଼ ବିଜ୍ଞାନ ଓ ସଂରକ୍ଷଣର ପାରମ୍ପରିକ ଶୈଳୀ**

କୁଇ ଲୋକମାନେ ବିନା କୌଣସି ଆଧୁନିକ ଯନ୍ତ୍ରପାତିରେ କିପରି ଏତେ ଉଚ୍ଚକୋଟୀର ବାଦ୍ୟ ପ୍ରସ୍ତୁତ କରନ୍ତି, ତାହା ବାସ୍ତବରେ ବିସ୍ମୟକର।

i. **କାଷ୍ଠ ଓ ଧାତୁର ସମନ୍ୱୟ:** ବାଦ୍ୟ ନିର୍ମାଣ ପାଇଁ 'ଶାଳ' ବା 'ପିଆଶାଳ' କାଠକୁ ଶୁଭ ମୁହୂର୍ତ୍ତରେ କଟାଯାଏ। କୁଇ ବିଶ୍ୱାସ ଅନୁଯାୟୀ, ପୂର୍ଣ୍ଣିମା ତିଥିରେ କଟାଯାଇଥିବା କାଠରେ ଉଈ ଲାଗନ୍ତି ନାହିଁ। ବାଦ୍ୟର ଘେର ପ୍ରସ୍ତୁତ କରିବା ପାଇଁ କାଠକୁ ଜଳୁଥିବା ଅଗ୍ନିର ପାଉଁଶରେ ପୋତି ରଖାଯାଏ, ଯାହାଫଳରେ ତାହା ବଙ୍କା ହୋଇ ଏକ ସୁନ୍ଦର ଗୋଲାକାର ରୂପ ନିଏ। ଏହି ପ୍ରକ୍ରିୟାକୁ 'କାଷ୍ଠଶୁଦ୍ଧି' କୁହାଯାଏ।

ii. **ଚର୍ମ-ବନ୍ଧନୀର କୌଶଳ:** ଶିଙ୍ଗବାଜା ବା ଢୋଲରେ ଚମଡ଼ା ବାନ୍ଧିବା ପାଇଁ କେବଳ ଶୁଆ-ଶିଉଳି ବା ବାଉଁଶ କାଠିର ବ୍ୟବହାର କରାଯାଏ ନାହିଁ। ଏଥିପାଇଁ ହରିଣ ବା ମଇଁଷିର ଅନ୍ତନାଳୀ ଓ ଚର୍ମରୁ ପ୍ରସ୍ତୁତ ଏକ ପ୍ରକାର ଶକ୍ତ ରସି ବ୍ୟବହାର କରାଯାଏ। ଏହା ବାଦ୍ୟକୁ ଅତିଶୟ ଟାଣ କରି ରଖେ, ଯାହାଦ୍ୱାରା ଧ୍ୱନିର କମ୍ପନ ସଠିକ ରହେ।

**କୁଇ ବାଦ୍ୟ-ଧ୍ୱନିରେ ନୈତିକତା ଓ ସାମାଜିକ ବିଶ୍ଳେଷଣ :** କୁଇ ବାଦ୍ୟ ସଂସ୍କୃତିରେ ଏକ ପ୍ରକାର 'ଅଘୋଷିତ ଶୃଙ୍ଖଳା' ରହିଛି। ସବୁ ସମୟରେ ସବୁ ବାଦ୍ୟ ବଜାଇବା ନିଷେଧ।

**ପବିତ୍ରତା ଓ ନିଷେଧ:** ଶୌଚାଳୟ/ଆବର୍ଜନା ନିକଟରେ ବା ମଦ୍ୟପାନ କରି ବେତାଳିଆ ଭାବେ ବାଦ୍ୟ ବଜାଇବା କୁଇ ସମାଜରେ ପାପ ବୋଲି ଧରାଯାଏ। ଯଦି କେହି ଏହି ନିୟମ ଭଙ୍ଗ କରେ, ତେବେ 'ଜାନୀ' ବା ଗ୍ରାମ ମୁଖିଆ ତାକୁ ଦଣ୍ଡ ବିଧାନ କରନ୍ତି। ବାଦ୍ୟକୁ ଦେବତାଙ୍କର ଆସନ ବୋଲି ବିଶ୍ୱାସ କରାଯାଉଥିବାରୁ ଏହାକୁ ମୁଣ୍ଡିଆ ମାରି ପ୍ରଥମେ ବନ୍ଦନା କରାଯାଏ।

**ନାରୀ ଓ ବାଦ୍ୟ-ଧ୍ୱନି:** ସାଧାରଣତଃ କୁଇ ସମାଜରେ ନାରୀମାନେ ବାଦ୍ୟ ବଜାନ୍ତି ନାହିଁ। ମାତ୍ର ସେମାନେ ବାଦ୍ୟର ତାଳରେ ନୃତ୍ୟ କରନ୍ତି। ବାଦ୍ୟର ଶବ୍ଦ ହିଁ ନାରୀର ପଦସଞ୍ଚାଳନକୁ ନିୟନ୍ତ୍ରଣ କରେ। ଏଠାରେ ବାଦ୍ୟ ହେଉଛି 'ପୁରୁଷ' ଶକ୍ତିର ପ୍ରତୀକ ଏବଂ ନୃତ୍ୟ ହେଉଛି 'ପ୍ରକୃତି' ବା ନାରୀ ଶକ୍ତିର ପ୍ରତୀକ। ଏହି ଦୁଇଟିର ମିଳନରେ ହିଁ ସୃଷ୍ଟି ହୁଏ ଆଦିବାସୀ ସାଂସ୍କୃତିକ ପୂର୍ଣ୍ଣତା।

**ଆଧୁନିକ ସାହିତ୍ୟରେ କୁଇ ବାଦ୍ୟର ପ୍ରଭାବ:** ଆଧୁନିକ ଓଡ଼ିଆ ସାହିତ୍ୟର ଅନେକ କବି ଓ ଔପନ୍ୟାସିକ କୁଇ ଲୋକାଚାର ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଗୋପୀନାଥ ମହାନ୍ତିଙ୍କ 'ପରଜା','ଦାଦିବୁଢ଼ା' ବା 'ଅମୃତର ସନ୍ତାନ', ପରି କାଳଜୟୀ ଉପନ୍ୟାସରେ ଆଦିବାସୀ ବାଦ୍ୟର ଯେଉଁ ଚିତ୍ରଣ ରହିଛି, ତାହା କୁଇ ଲୋକାଚାରର ଏକ ପ୍ରତିଫଳନ। "ଢୋଲର ଶବ୍ଦରେ ପାହାଡ଼ ହସୁଛି" – ଏହିପରି ବର୍ଣ୍ଣନା ସାହିତ୍ୟକୁ ମାଟିର ସୁବାସରେ ଭରିଦିଏ।

**କୁଇବାଦ୍ୟର 'ଧ୍ୱନି-ତତ୍ତ୍ୱ' ଓ ସାଙ୍ଗୀତିକ ବୈଶିଷ୍ଟ୍ୟ -** କୁଇ ଲୋକାଚାରରେ ବ୍ୟବହୃତ ପ୍ରତ୍ୟେକଟି ବାଦ୍ୟ ଶବ୍ଦର ଏକ ନିର୍ଦ୍ଦିଷ୍ଟ 'ଫ୍ରିକ୍ୱେନ୍ସି' ବା କମ୍ପନ ରହିଥାଏ। ଏହି କମ୍ପନ ମଣିଷର ସ୍ନାୟୁତନ୍ତ୍ରକୁ କିପରି ପ୍ରଭାବିତ କରେ, ତାହା ଏକ ଗବେଷଣାର ବିଷୟ। କୁଇ ବାଦ୍ୟରେ ମୁଖ୍ୟତଃ ଚାରୋଟି ପ୍ରକାରର 'ତାଳ' ବା 'ଲୟ' ଦେଖିବାକୁ ମିଳେ।

I. **ଆବାହନ ତାଳ:** ଏହା ଅତ୍ୟନ୍ତ ମନ୍ଥର ଏବଂ ଗୁରୁ-ଗମ୍ଭୀର। ଯେତେବେଳେ ଜାନୀ (ପୂଜକ) ଦେବତାଙ୍କୁ ସ୍ମରଣ କରନ୍ତି, ସେତେବେଳେ ଢୋଲ ବା ସାଙ୍ଗର ଗୋଟିଏ ଗୋଟିଏ ଚୋଟ ମଧ୍ୟରେ ଅଧିକ ସମୟର ବିରତି ରହେ। ଏହି ସମୟରେ ପରିବେଶରେ ଏକ ପ୍ରକାର ନିସ୍ତବ୍ଧତା ଖେଳିଯାଏ

II. **ଉତ୍ସବତାଳ (କ୍ରୀଡ଼ା-ତାଳ):** ଏହା ଅତ୍ୟନ୍ତ ଦ୍ରୁତ। ଏଥିରେ ୪/୪ ବା ୨/୪ ର ଛନ୍ଦ ଦେଖିବାକୁ ମିଳେ। ଏହାକୁ ଶୁଣିବା ମାତ୍ରେ ରକ୍ତରେ ଉନ୍ମାଦନା ଖେଳିଯାଏ।

III. **ଶୋକ/ବିଦାୟ ତାଳ:** ଏଥିରେ ମହୁରୀର ପ୍ରାଧାନ୍ୟ ଥାଏ। ଏହି ତାଳରେ ସ୍ୱରଗୁଡ଼ିକ ଅଧିକ ଦୀର୍ଘ ହୋଇଥାଏ, ଯାହା କରୁଣରସ ଯୁକ୍ତ ହୋଇ ଶୋକର ପରିପ୍ରକାଶ କରେ।

IV. **ଯୁଦ୍ଧ, ହିଂସ୍ରଜନ୍ତୁ ସତର୍କତା ବା ଶିକାର ତାଳ:** ଏହା ଅନିୟମିତ ଏବଂ ତୀକ୍ଷ୍ଣ। ଏହା ସଚେତନତା ଓ ସତର୍କତାର ସଙ୍କେତ ଦିଏ।

**ସ୍ୱରଲିପିର ଅନୁପସ୍ଥିତି ଓ ମୌଖିକ ପରମ୍ପରା:** ପାଶ୍ଚାତ୍ୟ ସଙ୍ଗୀତରେ ଯେପରି ସ୍ୱରଲିପି (Notations) ଥାଏ, କୁଇ ସଙ୍ଗୀତରେ ତାହା ନଥାଏ। ଏହା କେବଳ 'ହୃଦୟରୁ ହୃଦୟକୁ' ପ୍ରବାହିତ। ଜଣେ ବାଦକ ନିଜ ପିତା ବା ଗୁରୁଙ୍କ ହାତ ଚାଳନାକୁ ଦେଖି ଏହି କଳା ଶିଖିଥାଏ। ଏହି ମୌଖିକ ପରମ୍ପରା ହିଁ ଏହାର ମୌଳିକତାକୁ ରକ୍ଷା କରିଛି।

**ଆଞ୍ଚଳିକ ବୈଷମ୍ୟ** – କୁଇ ଜାତି ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ବାସ କରନ୍ତି ଏବଂ ଅଞ୍ଚଳ ଭେଦରେ ସେମାନଙ୍କ ବାଦ୍ୟ ବଜାଇବା ଶୈଳୀରେ ମଧ୍ୟ ପରିବର୍ତ୍ତନ ଦେଖାଯାଏ।

I. **କନ୍ଧମାଳର ବୈଶିଷ୍ଟ୍ୟ:** କନ୍ଧମାଳର ବାଲିଗୁଡ଼ା ଓ ଫୁଲବାଣୀ ଅଞ୍ଚଳରେ 'ଢାପ୍'ର ବ୍ୟବହାର ସର୍ବାଧିକ। ଏଠାରେ ବାଦ୍ୟ ସହିତ ସମ୍ବେଦନଶୀଳ 'କୁଇ-ଗୀତ'ର ସମନ୍ୱୟ ଦେଖିବାକୁ ମିଳେ।

II. **ରାୟଗଡ଼ା ଓ କୋରାପୁଟର ପ୍ରଭାବ:** ଏହି ଅଞ୍ଚଳରେ 'ଲାଞ୍ଜିଆ ସୌରା' ଏବଂ 'କୁଟିଆ କନ୍ଧ'ଙ୍କ ସଂସ୍କୃତିର ମିଶ୍ରଣ ହେତୁ ବାଦ୍ୟରେ ପିତ୍ତଳ ନିର୍ମିତ କାହାଳୀର ପ୍ରୟୋଗ ଅଧିକ ଦେଖାଯାଏ। ଏଠାରେ ନିଶାଣର ଆକାର ମଧ୍ୟ ତୁଳନାତ୍ମକ ଭାବେ ବଡ଼।

**ବାଦ୍ୟ-ଧ୍ୱନି ଏବଂ ପରିବେଶ ସୁରକ୍ଷା – ଏକ ନୂତନ ଦିଗ**

ଏହା ଏକ ନୂତନ ତଥ୍ୟ ଯେ, କୁଇ ଲୋକମାନେ ବାଦ୍ୟ ବଜାଇବା ସମୟରେ ପରିବେଶର ସନ୍ତୁଳନ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତି।

**ବନ୍ୟଜନ୍ତୁଙ୍କ ସହ ସହଭାଗିତା:** ଯେତେବେଳେ ଜଙ୍ଗଲରେ ଶସ୍ୟ ଅମଳ ହୁଏ, ସେତେବେଳେ ବାଦ୍ୟ ବଜାଇ ବନ୍ୟଜନ୍ତୁଙ୍କୁ ସତର୍କ କରାଯାଏ। ଏହା ସେମାନଙ୍କୁ ମାରିବା ପାଇଁ ନୁହେଁ, ବରଂ ନିଜର ଅସ୍ତିତ୍ୱ ଜଣାଇବା ପାଇଁ। ଏହି ଧ୍ୱନି ଜଙ୍ଗଲର ଜୈବ ବିବିଧତା ସହ ଏକ ଅଘୋଷିତ ବୁଝାମଣା ରକ୍ଷା କରେ।

**ପ୍ରାକୃତିକ ସଂରକ୍ଷକ:** ବାଦ୍ୟ ନିର୍ମାଣ ପାଇଁ ଯେଉଁ କାଠ ବ୍ୟବହାର କରାଯାଏ, ସେଥିପାଇଁ କେବେ ବି କଅଁଳ ଗଛ କଟାଯାଏ ନାହିଁ। କେବଳ ପୁରୁଣା ଏବଂ ଶୁଷ୍କ ହେବାକୁ ଯାଉଥିବା ଗଛକୁ ହିଁ ବ୍ୟବହାର କରାଯାଏ। ଏହି ପରମ୍ପରା ଦର୍ଶାଏ ଯେ କୁଇ ବାଦ୍ୟ ସଂସ୍କୃତି ପରିବେଶ-ଅନୁକୂଳ।

**ବାଦ୍ୟ-ଧ୍ୱନି ଏବଂ କୁଇ ସମାଜର ମାନସିକ ସ୍ୱାସ୍ଥ୍ୟ-** ଏକ ନୂତନ ଗବେଷଣାତ୍ମକ ଦିଗରୁ ଦେଖିଲେ, ବାଦ୍ୟ-ଧ୍ୱନି କୁଇ ଜନଜାତିଙ୍କ ପାଇଁ ଏକ 'ଉପଚାର'(Therapy) ଭାବେ କାମ କରେ ।

I. **ସମୂହ ନୃତ୍ୟ ଓ ମାନସିକ ଚାପ ମୁକ୍ତି:** କୁଇ ଗ୍ରାମରେ କେତେବେଳେ କେହି ବୋଧେ ପ୍ରବଳ ମାନସିକ ଦୁଶ୍ଚିନ୍ତାରେ ନରହିପାରେ, କାରଣ କୁଇ ଗ୍ରାମରେ ପ୍ରତ୍ୟକଦିନ ସନ୍ଧ୍ୟାରେ ନୃତ୍ୟବାଦ୍ୟର ଆସର ଜମେ ଗ୍ରାମର ପ୍ରାୟ ସମସ୍ତଙ୍କୁ ଗୋଷ୍ଠୀଗତ ନୃତ୍ୟରେ ସାମିଲ ହେବାକୁ କୁହାଯାଏ। ବାଦ୍ୟର ଉଚ୍ଚଶବ୍ଦ ଏବଂ ତାଳର ଗତି ମଣିଷର 'ଏଣ୍ଡୋରଫିନ୍' (Endorphin) ହରମୋନ୍‌କୁ ସକ୍ରିୟ କରିଦିଏ। ଏହା ଫଳରେ ସେ ନିଜର ଦୁଃଖ ଭୁଲିଯାଏ। ଏହା ଦର୍ଶାଏ ଯେ କୁଇ ବାଦ୍ୟ-ଧ୍ୱନି କିପରି ଏକ ପ୍ରାକୃତିକ ଚିକିତ୍ସା ପଦ୍ଧତି।

**ବାଦ୍ୟର ଶବ୍ଦ ଓ ଆଧ୍ୟାତ୍ମିକ ଉନ୍ମାଦନା :**


© 2026 ସାହିଲ କୁମାର ନାୟକ, ଡ଼. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

କୁଇ 'ଜାନୀ' ବା ପୂଜକମାନେ ଯେତେବେଳେ ଦେବତାଙ୍କ ସହ କଥା ହୁଅନ୍ତି, ସେତେବେଳେ ବାଦ୍ୟର ଏକ ବିଶେଷ 'ତାଳ' ବାଜେ। ଏହି ତାଳଟି ଏପରି ଯେ ଏହା ଶୁଣିବା ମାତ୍ରେ ପୂଜକ ଏକ ଭିନ୍ନ ଜଗତକୁ ଚାଲିଯାଆନ୍ତି। ଏହାକୁ ଆଧୁନିକ ମନୋବିଜ୍ଞାନ ଭାଷାରେ 'ହିପ୍ନୋଟିକ୍ ଟ୍ରାନ୍ସ' କୁହାଯାଏ। ବାଦ୍ୟର ଶବ୍ଦ କିପରି ମଣିଷର ଚେତନାକୁ ବଦଳାଇ ଦିଏ, ତାହାର ଏହା ଏକ ପ୍ରକୃଷ୍ଟ ଉଦାହରଣ।

**ବାଦ୍ୟଧ୍ୱନିର ଆରୋହ ଓ ଅବରୋହ :**

ମହୁରୀ ବଜାଇବା ସମୟରେ ବାଦକ କିପରି ନିଜର ଶ୍ୱାସକ୍ରିୟାକୁ ନିୟନ୍ତ୍ରଣ କରେ, ତାହା ଏକ ବିଜ୍ଞାନ। ଗୋଟିଏ ସ୍ୱରକୁ ପ୍ରାୟ ୨ ମିନିଟ୍ ପର୍ଯ୍ୟନ୍ତ ଅବିରତ ରଖିବା ପାଇଁ ସେମାନେ ଚକ୍ରପଦ୍ଧତି ଅବଲମ୍ବନ କରନ୍ତି। ଏହି ପଦ୍ଧତିରେ ନାକରେ ଶ୍ୱାସ ନେଇ ପାଟିରେ ପବନ ଛାଡ଼ିବାକୁ ପଡ଼େ। ଏହି କ୍ରିୟା ଦ୍ୱାରା ବାଦ୍ୟ-ଧ୍ୱନିରେ କୌଣସି ଛେଦ ପଡ଼େ ନାହିଁ। ଏହି ଗୂଢ଼ କୌଶଳ ପାଇଁ କୁଇ ବାଦକମାନେ ପୃଥିବୀର ଅନ୍ୟ ଜନଜାତିଙ୍କଠାରୁ ଅଲଗା।

**କୁଇ ଲୋକ-କାହାଣୀରେ ବାଦ୍ୟର ଉତ୍ପତ୍ତି**

**ଧରଣୀ ପେନୁ ଏବଂ ପ୍ରଥମ ବାଦ୍ୟ:** କୁଇ ସଂସ୍କୃତିରେ ବାଦ୍ୟର ଜନ୍ମକୁ ନେଇ ଅନେକ ରୋଚକ କାହାଣୀ ପ୍ରଚଳିତ। କୁଇ ମିଥ୍ ଅନୁଯାୟୀ, ଯେତେବେଳେ ପୃଥିବୀ ସୃଷ୍ଟି ହେଲା, ସେତେବେଳେ ଚାରିଆଡ଼େ ନିସ୍ତବ୍ଧତା ଥିଲା। ଧରଣୀ ଦେବୀ (ତାଣାପେନୁ) ଅତ୍ୟନ୍ତ ଏକୁଟିଆ ଅନୁଭବ କଲେ। ସେତେବେଳେ ସେ ଜଣେ ଶବରକୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ ଯେ, "ଜଙ୍ଗଲରୁ କାଠ ଏବଂ ମଇଁଷିର ଚମଡ଼ା ଆଣି ଏପରି ଏକ ଯନ୍ତ୍ର ତିଆରି କର, ଯାହାର ଶବ୍ଦ ମୋତେ ଶୁଭିବ।" ସେହି ଦିନଠାରୁ 'ବାଦ୍ୟ'ର ଜନ୍ମ ହେଲା। କନ୍ଧମାନେ ବିଶ୍ୱାସ କରନ୍ତି ଯେ, ବାଦ୍ୟ ଧ୍ୱନି ସିଧାସଳଖ ଧରଣୀ ମାତାଙ୍କ ଗର୍ଭକୁ ସ୍ପର୍ଶ କରେ। ପରବର୍ତ୍ତୀ ସମୟରେ ଏହା ପରିମାର୍ଜିତ ହୋଇ 'ଡାପ୍' ରୂପ ନେଲା। ଏହିପରି ଭାବେ ବାଦ୍ୟଯନ୍ତ୍ରଗୁଡ଼ିକ ଦୈବୀ ଶକ୍ତିର ଆଶୀର୍ବାଦ ଭାବେ ଗ୍ରହଣ କରାଯାଇଛି।

**କୁଇପରମ୍ପରାରେ ବାଦ୍ୟ ବାଦକଙ୍କ ସାମାଜିକ ସ୍ଥିତି**

କୁଇ ସମାଜରେ ବାଦକମାନଙ୍କୁ ଅତ୍ୟନ୍ତ ସମ୍ମାନର ସହ ଦେଖାଯାଏ। ସେମାନଙ୍କୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ତୁଳନା କରାଯାଏ। ଗ୍ରାମର କୌଣସି ପୂଜାବିଧିରେ ବାଦକ ପ୍ରଥମେ ନିଜର ବାଦ୍ୟକୁ ପୂଜା ନକଲେ ପୂଜକ ପୂଜା ଆରମ୍ଭ କରନ୍ତି ନାହିଁ। ଏହା ବାଦକର ସାମାଜିକ ପ୍ରଭାବକୁ ଦର୍ଶାଏ। ପୂର୍ବ କାଳରେ ବାଦକମାନଙ୍କୁ ମୁଦ୍ରା ପରିବର୍ତ୍ତେ ଶସ୍ୟ ବା ଜମି ପ୍ରଦାନ କରାଯାଉଥିଲା। ଏହି ପଦ୍ଧତିକୁ 'ବାଦ୍ୟ-ଖଞ୍ଜା' କୁହାଯାଉଥିଲା। ଏହି ବ୍ୟବସ୍ଥା ଯୋଗୁଁ କୁଇ ବାଦକମାନେ ଦାରିଦ୍ର୍ୟ ସତ୍ତ୍ୱେ ନିଜର କଳାକୁ ବଞ୍ଚାଇ ରଖିପାରିଥିଲେ।

**ବାଦ୍ୟନାଦରେ ଶୈଳଜା ଚେତନା:**

କୁଇ ବାଦ୍ୟର ଶବ୍ଦ ପାହାଡ଼ିଆ ଅଞ୍ଚଳର ଲୋକଙ୍କ ପାଇଁ ଏକ 'କାଥାର୍ସିସ୍' (Catharsis) ଭାବେ କାମ କରେ। ଯଦି ଆମେ କୁଇ ବାଦ୍ୟକୁ ଏକ କବିତା ଭାବେ ଦେଖିବା, ତେବେ ଏଥିରେ 'କରୁଣ ରସ' ଏବଂ 'ବୀର ରସ'ର ସମନ୍ୱୟ ଦେଖିବାକୁ ମିଳିବ। ସେମାନଙ୍କର ବର୍ଷ ବର୍ଷର ଦୁଃଖ, ଅସହାୟତା ଏବଂ ପ୍ରକୃତି ସହ ସଂଘର୍ଷର କାହାଣୀ ଏହି ବାଦ୍ୟର ସ୍ୱରରେ ଲୁଚି ରହିଥାଏ। ଯେତେବେଳେ ଜଣେ କନ୍ଧ ମଣିଷ ଢୋଲ ବା ମହୁରୀ ବାଜୁଥିବା ଦେଖେ, ସେ ସଭ୍ୟ ଜଗତର କୃତ୍ରିମତା ଭୁଲି ନିଜର ଆଦିମ ପରିଚୟକୁ ଫେରିପାଏ। ତେଣୁ ଏହା ସ୍ପଷ୍ଟ ଯେ, କୁଇ ଲୋକାଚାରରେ ବାଦ୍ୟ-ଧ୍ୱନି କେବଳ ଏକ ଶବ୍ଦ ନୁହେଁ, ବରଂ ଏହା ଏକ ପରିପୂର୍ଣ୍ଣ ଜୀବନ ଦର୍ଶନ। ଏହା ମଧ୍ୟରେ ଗଣିତ ଅଛି, ବିଜ୍ଞାନ ଅଛି, ମନସ୍ତତ୍ତ୍ୱ ଅଛି ଏବଂ ସର୍ବୋପରି ମାନବିକତାର ଏକ ଅଭିନ୍ନ ସମ୍ପର୍କ ଅଛି। ଉତ୍ସବର ହୁଳହୁଳିଠାରୁ ମୃତ୍ୟୁର ନିସ୍ତବ୍ଧତା ପର୍ଯ୍ୟନ୍ତ ଏହି ବାଦ୍ୟଗୁଡ଼ିକ କନ୍ଧ ଜାତିର ସାକ୍ଷୀ ହୋଇ ରହିଛନ୍ତି।

**ବାଦ୍ୟ-ଧ୍ୱନି ଏବଂ କୁଇ ଲୋକସଭା**

କୁଇ ସମାଜରେ ବାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ କାମ ହେଉଛି ନ୍ୟାୟ ବିଚାର ସମୟରେ ସୂଚନା ପ୍ରଦାନ କରିବା।

**ଗ୍ରାମସଭା ଓ 'ଡାକ-ବାଦ୍ୟ':** ଯଦି ଗାଁରେ କୌଣସି ବିବାଦ ଦେଖାଦିଏ, ତେବେ ଗ୍ରାମ ମୁଖିଆ ବା 'ପ୍ରଧାନ'ଙ୍କ ନିର୍ଦ୍ଦେଶରେ ନିଶାଣକୁ ଏକ ନିର୍ଦ୍ଦିଷ୍ଟ ଶୈଳୀରେ ବଜାଯାଏ। ଏହି ବାଦ୍ୟ ଶବ୍ଦକୁ ଶୁଣି ଗ୍ରାମର ପ୍ରତ୍ୟେକ ବାସିନ୍ଦା ଜାଣିପାରନ୍ତି ଯେ ଏବେ 'ବିଚାର' ହେବାକୁ ଯାଉଛି। ଏହି ଧ୍ୱନି ସାଧାରଣ କୁଇ ମଣିଷର ମନରେ ଭୟ ଓ ସମ୍ମାନ ସୃଷ୍ଟି କରେ, ଯାହାଦ୍ୱାରା କେହି ମିଛ କହିବାକୁ ସାହସ କରନ୍ତି ନାହିଁ।

**କୁଇ 'ସାଂଗ-ଡୋଲା'ର ବିଶ୍ୱ-ନୃତାତ୍ତ୍ୱିକ ତୁଳନା**

କୁଇ ସଂସ୍କୃତିର 'ସାଂଗ-ଡୋଲା' କେବଳ ଓଡ଼ିଶାର ଏକ ସ୍ଥାନୀୟ ବାଦ୍ୟ ନୁହେଁ। ଯଦି ଆମେ ବିଶ୍ୱର ବିଭିନ୍ନ ପ୍ରାଚୀନ ସଭ୍ୟତାକୁ ଦେଖିବା, ତେବେ ଏହାର ସମାନ୍ତରାଳ ବାଦ୍ୟଯନ୍ତ୍ର ଦେଖିବାକୁ ମିଳେ। ଆଫ୍ରିକାର 'ଜୁଲୁ' (Zulu) ଜନଜାତିଙ୍କ ମଧ୍ୟରେ ପ୍ରଚଳିତ 'ଡେମ୍ବେ' ବାଦ୍ୟର ଗଠନ ପ୍ରଣାଳୀ କୁଇ 'ସାଂଗ-ଡୋଲା' ସହ କେତେକାଂଶରେ ସମାନ। ମାତ୍ର କୁଇ 'ସାଂଗ-ଡୋଲା'ର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଏହାର 'ଗୋଲାକାର ଚର୍ମ-କାଷ୍ଠ ଆଧାର'। 'ସାଂଗ'କୁ ଏକ ପବିତ୍ର ବାଦ୍ୟ ଭାବେ ଗ୍ରହଣ କରୁଥିବା କନ୍ଧମାନେ ଏହାର ଗୁରୁ ଗମ୍ଭୀର ଶବ୍ଦ ମାଧ୍ୟମରେ ଆକାଶର ବଜ୍ରପାତକୁ ଆହ୍ୱାନ କରନ୍ତି ବୋଲି ବିଶ୍ୱାସ ଅଛି। ଏହି ଶବ୍ଦକୁ 'ଆଧୁନିକ ଧ୍ୱନି-ବିଜ୍ଞାନ' ଦୃଷ୍ଟିରୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ଏହାର କମ୍ପନ ମଣିଷର ହୃଦସ୍ପନ୍ଦନ ସହ ସମତା ରକ୍ଷା କରେ, ଯାହା ଶ୍ରୋତାକୁ ଅଧିକ ସାହସୀ କିମ୍ବା କରୁଣ ରସାଶ୍ରୟୀ କରିଥାଏ।

**ବାଦ୍ୟଯନ୍ତ୍ରର ସଂରକ୍ଷଣ ପ୍ରକ୍ରିୟା** – ବାଦ୍ୟଯନ୍ତ୍ରକୁ ନଷ୍ଟ ହେବାରୁ ସୁରକ୍ଷା ଦେବା ପାଇଁ ବାଦକମାନେ କିଛି ସୂକ୍ଷ୍ମ କୌଶଳ ବ୍ୟବହାର କରନ୍ତି, ଯଥା- ବାଦ୍ୟ ପାଇଁ ବ୍ୟବହୃତ ହେଉଥିବା ମଇଁଷି/ମୃତ ଗୋରୁ/ଛେଳି ଚମଡ଼ାକୁ ପ୍ରଥମେ ଖରାରେ ଶୁଖାଯାଏ, ସେଥିରେ 'ଔଷଧୀୟ ପାଉଁଶ' ଏବଂ କେତେକ ବନ୍ୟ ଗଛର କ୍ଷୀର ଲଗାଯାଏ। ଏହା ଫଳରେ ଚମଡ଼ା ଶକ୍ତ ରହେ ଏବଂ ଶୀଘ୍ର ଫାଟିଯାଏ ନାହିଁ। ବାଦ୍ୟ ବଜାଇବା ପୂର୍ବରୁ ଚମଡାକୁ ନିଆଁର ସାମାନ୍ୟ ସେକ ଦିଆଯାଏ। ନିଆଁର ଉତ୍ତାପ ଚମଡ଼ାରେ ଥିବା ଜଳୀୟ ଅଂଶକୁ ଶୋଷି ନିଏ, ଯାହାଦ୍ୱାରା ଧ୍ୱନି ଅଧିକ ତୀକ୍ଷ୍ଣ ଏବଂ ସ୍ପଷ୍ଟ ହୁଏ। ଏହା ଏକ ପ୍ରକାର ପ୍ରାୟୋଗିକ ପଦାର୍ଥ ବିଜ୍ଞାନ ର ସୂତ୍ର।

**ବାଦ୍ୟ-ଧ୍ୱନିର ଆଧୁନିକ ପ୍ରତିକ୍ରିୟା ଓ ସମାଜତତ୍ତ୍ୱ-** ଆଜିର ସମୟରେ ଯେତେବେଳେ ଲାଉଡ୍-ସ୍ପିକର୍ ଗାଁ ଗାଁରେ ପହଞ୍ଚିଲାଣି, ସେତେବେଳେ କୁଇ ବାଦ୍ୟର ପ୍ରାସଙ୍ଗିକତାକୁ ନେଇ ପ୍ରଶ୍ନ ଉଠୁଛି। ମାତ୍ର ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମେସିନ୍ ସୃଷ୍ଟି କରୁଥିବା ଶବ୍ଦ କଦାପି ମହୁରୀର ସେହି ଆତ୍ମୀୟତା କିମ୍ବା 'ସାଂଗ-ଡୋଲା'ର ସେହି ଗାମ୍ଭୀର୍ଯ୍ୟ ଆଣିପାରିବ ନାହିଁ। କୁଇ ଲୋକାଚାରରେ ବାଦ୍ୟ-ଧ୍ୱନି ହେଉଛି ଏକ 'ଲିଭିଂ-ହେରିଟେଜ୍' (Living Heritage) ଜୀବନ୍ତକଳାକୃତି। ଏହି ଶବ୍ଦ ଯେତେବେଳେ ପାହାଡ଼ ପୃଷ୍ଠରେ ବାଜେ, ସେତେବେଳେ ପ୍ରତ୍ୟେକଟି ବୃକ୍ଷଲତା ଏବଂ ପାହାଡ଼ିଆ ଝରଣା ତାହାର ପ୍ରତିଧ୍ୱନି ଦିଅନ୍ତି। ଏହି ପରିବେଶୀୟ ସଂଯୋଗକୁ ଆଧୁନିକ ବୈଷୟିକ ବାଦ୍ୟ କଦାପି ସ୍ଥାନାନ୍ତରିତ କରିପାରିବ ନାହିଁ।

**ପରମ୍ପରାର ପ୍ରେମାଶ୍ରୁ ଓ ବିଲୁପ୍ତିର ବେଦନା**

କାଳର କ୍ରୁର ପଦଧ୍ୱନିରେ ଆଜି ଅନେକ ସ୍ମୃତି ବିବର୍ଣ୍ଣ ହୋଇଯାଇଛି। ଯେଉଁ ବାଦ୍ୟଗୁଡ଼ିକ ଦିନେ କୁଇ ଜନପଦର ପ୍ରତିଟି କୁଟୀରରେ ନାଦଧ୍ୱନି ଆନନ୍ଦର ପୁଷ୍ପବୃଷ୍ଟି କରୁଥିଲେ, ସେମାନେ ଆଜି କେବଳ ସ୍ମୃତିର ସଂଗ୍ରହାଳୟରେ ଧୂଳିଧୂସରିତ। 'ତୁଡୁ', 'ସାଂଗ', 'ଢୁଲ', 'ମହୁରୀ'ର ସେହି ଗମ୍ଭୀର ନାଦ, ଯାହା ଦିନେ ବନଦେବତାଙ୍କୁ ଆବାହନ କରୁଥିଲା, ତାହା ଆଜି ଯାନ୍ତ୍ରିକ କୋଳାହଳର ଭଉଁରୀ ମଧ୍ୟରେ କେଉଁଠି ହଜିଯାଇଛି। 'ଦେଏକା'ର ଏକ-ତାର ସ୍ୱର ଆଜି ଆଧୁନିକତାର କୃତ୍ରିମ ସୌନ୍ଦର୍ଯ୍ୟ ନିକଟରେ ବେସୁରା


© 2026 ସାହିଲ କୁମାର ନାୟକ, ଡ଼. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଲାଗୁଛି । କିନ୍ତୁ, ଆଜି ଏହା କେବଳ ଏକ ସଭ୍ୟତାର ଅସ୍ତରାଗ ନୁହେଁ, ଅପିତୁ ଏହା ହେଉଛି ଆମ ପାରମ୍ପରିକ ଆଦିବାସୀ ଆତ୍ମାର ଏକ ମାର୍ମିକ କାନ୍ଦଣା।

ଆଜିର ବିଶ୍ୱ ଯେତେବେଳେ ଶବ୍ଦର ବିଭୀଷିକା ଓ ମାନସିକ ଅସ୍ଥିରତା ମଧ୍ୟରେ ପୀଡ଼ିତ, ସେତେବେଳେ କୁଇ ସଂସ୍କୃତିର ଏହି ପ୍ରାକୃତିକ ସ୍ୱର-ସଂହିତା ଏକ ପରମ ଔଷଧ ସଦୃଶ କାର୍ଯ୍ୟ କରିପାରେ। ଏହି ପ୍ରବନ୍ଧ କେବଳ କାଷ୍ଠ ଓ ଚର୍ମ ନିର୍ମିତ ଯନ୍ତ୍ର ଗୁଡିକର ତାଲିକା ନୁହେଁ, ଅପିତୁ ଏହା ହେଉଛି ଆଦିବାସୀ ବିଶ୍ୱାସ, ପରମ୍ପରା ଓ 'ନାଦବ୍ରହ୍ମ'ର ଏକ ନୂତନ ଅନ୍ୱେଷଣ। ସମଗ୍ର ଆଲୋଚନାର ପରିସର ମଧ୍ୟରେ କୁଇ ଲୋକବାଦ୍ୟଗୁଡ଼ିକର ଯେଉଁ ତାତ୍ତ୍ୱିକ ସ୍ୱରୂପ, ସଂରଚନା ଏବଂ ସାଂସ୍କୃତିକ ମାଧୁର୍ଯ୍ୟ ଅନୁଶୀଳିତ ହେଲା, ତାହା କେବଳ ଏକ ଜନଜାତିର ସଙ୍ଗୀତ ପରମ୍ପରା ନୁହେଁ; ବରଂ ତାହା ହେଉଛି ମୃତ୍ତିକା, ମାନବ ଏବଂ ମହାକାଶ ମଧ୍ୟରେ ଏକ ଅବିଚ୍ଛିନ୍ନ ସମ୍ପର୍କର ସେତୁ। କନ୍ଧମାଳର ନିବିଡ଼ ଅରଣ୍ୟ ଗର୍ଭରୁ ନିର୍ଗତ ଏହି ପ୍ରତିଟି ଶବ୍ଦ-ତରଙ୍ଗରେ କୁଇ ଜୀବନର ସହସ୍ର ବର୍ଷର ସଂଘର୍ଷ, ସ୍ୱପ୍ନ, ଶ୍ରଦ୍ଧା ଏବଂ ଆଧ୍ୟାତ୍ମିକ ଅନ୍ୱେଷଣର ଗାଥା ଲିପିବଦ୍ଧ ହୋଇ ରହିଛି। ଏଠାରେ ବାଦ୍ୟ କେବଳ ଯନ୍ତ୍ର ନୁହେଁ, ବରଂ ଏହା ଏକ ସାଂସ୍କୃତିକ ସମ୍ମୋହନ, ଯାହା ଜଣେ କୁଇ ମଣିଷକୁ ତାର ସଭ୍ୟତାର ଶିଖର ସହ ସଂଯୋଗ କରେ।

କୁଇ ଲୋକବାଦ୍ୟ ସମୂହ ହେଉଛନ୍ତି କନ୍ଧ ସଂସ୍କୃତିର ସୁଦୃଢ଼ ମୂଳଦୁଆ। 'ଢୂଲ'ର ଗମ୍ଭୀର ନାଦରେ ସାମୂହିକ ଏକତାର ଆହ୍ୱାନ ପ୍ରତିଧ୍ୱନିତ ହେଉଥିବା ବେଳେ, 'ପିରଡି'ର କୋମଳ ସ୍ୱରରେ ଅରଣ୍ୟର ନିଃଶବ୍ଦ ବେଦନା ଅନୁରଣିତ ହୁଏ। 'ଟାଙ୍ଗୁ' ବା 'ଡଲ୍‌ଗୁ'ର ତାଳରେ ଜୀବନର ଦୁଃଖକୁ ପାଦତଳେ ମାଡ଼ି ବିଜୟର ଛନ୍ଦ ଖୋଜିବା ପାଇଁ ଯେଉଁ ଆତ୍ମବିଶ୍ୱାସ ମିଳେ, ତାହା ବିଶ୍ୱର ଯେକୌଣସି ଉଚ୍ଚାଙ୍ଗ ସଙ୍ଗୀତ ଶାସ୍ତ୍ରଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ। ଏହି ବାଦ୍ୟଗୁଡ଼ିକ କୁଇ ସମାଜରେ ଶ୍ରମଜୀବୀ ଜୀବନକୁ କଳାତ୍ମକ ରୂପ ଦେବା ସହ ଜଳ, ଜଙ୍ଗଲ ଓ ଜମି ପ୍ରତି ଥିବା ପବିତ୍ର ଅନୁରାଗକୁ ଆହୁରି ନିବିଡ଼ କରିଛି। କିନ୍ତୁ ସମୟର କ୍ରୂର କରାଳଗ୍ରାସରେ ଆଜି ଅନେକ ସ୍ମୃତି ବିବର୍ଣ୍ଣ ହୋଇଯାଇଛି। ବର୍ତ୍ତମାନର ବଜାରବାଦୀ ଅର୍ଥନୀତି ଏବଂ ଯାନ୍ତ୍ରିକ ଯୁଗର ଦ୍ରୁତ ପ୍ରବାହରେ ଏହି ପାରମ୍ପରିକ ସଙ୍ଗୀତ ସମ୍ଭାର ଅତ୍ୟନ୍ତ ଅସହାୟ ମନେହେଉଛି। ଯାନ୍ତ୍ରିକ ବାଦ୍ୟର ଚଟୁଳତା ମଧ୍ୟରେ କୁଇ ଲୋକବାଦ୍ୟର ଗାମ୍ଭୀର୍ଯ୍ୟ ଧୀରେ ଧୀରେ ମଳିନ ପଡୁଛି। ଅଭିଜ୍ଞ କାରିଗରଙ୍କ ନିରୋଧ ଏବଂ ନୂତନ ପିଢ଼ିର ସଂସ୍କୃତି ପ୍ରତି ଥିବା ବିମୁଖତା ଆଜି 'ତୁଡୁ'ର ସଙ୍କେତ ଓ 'ଦେଏକା'ର ଏକତ୍ୱକୁ ବିଲୁପ୍ତିର କ୍ରମାଗତ ଅନ୍ଧକାର ମଧ୍ୟକୁ ଠେଲି ଦେଉଛି। ଏହି ଅମୂଲ୍ୟ ସମ୍ପତ୍ତିର ସଂରକ୍ଷଣ କେବଳ ସାମାନ୍ୟ ପ୍ରୋତ୍ସାହନରେ ସମ୍ଭବ ନୁହେଁ, ଏଥିପାଇଁ ପ୍ରତ୍ୟେକ କୁଇ ସନ୍ତାନର ହୃଦୟରେ ନିଜ ମାଟିର ବାସ୍ନା ଓ ଶବ୍ଦ ପ୍ରତି ଆତ୍ମସମ୍ମାନ ଜାଗ୍ରତ ହେବା ଆବଶ୍ୟକ।

ଆଧୁନିକତା ନାମରେ ନିଜ ଶେରମୂଳକୁ ଭୁଲିଯିବା ଏକ ଜାତି ପାଇଁ ସବୁଠାରୁ ବଡ଼ ସଙ୍କଟ। ଯେଉଁ ବାଦ୍ୟଗୁଡ଼ିକ ଦିନେ କୁଇ ଜନପଦର ପ୍ରତିଟି କୁଟୀରରେ ପ୍ରେମର ପୁଷ୍ପବୃଷ୍ଟି କରୁଥିଲେ, ସେମାନେ ଆଜି କେବଳ ସ୍ମୃତିର ସଂଗ୍ରହାଳୟରେ ଧୂଳିଧୂସରିତ ହୋଇ ରହିବା ଏକ ସାଂସ୍କୃତିକ ଦାରିଦ୍ର୍ୟର ସୂଚନା ଦିଏ। ତେଣୁ, ଏହି ବାଦ୍ୟଗୁଡ଼ିକର ବିଜ୍ଞାନଭିତ୍ତିକ ଅନୁଶୀଳନ, ବାଦ୍ୟକାରମାନଙ୍କୁ ସାମାଜିକ ପ୍ରତିଷ୍ଠା ଏବଂ ପ୍ରତିଟି ଗ୍ରାମ୍ୟ ଉତ୍ସବରେ ଏହାର ପୁନଃପ୍ରଚଳନ ହିଁ ହେଉଛି ବର୍ତ୍ତମାନ ସମୟର ସର୍ବଶ୍ରେଷ୍ଠ ଦାବି। ଆମକୁ ବୁଝିବାକୁ ହେବ ଯେ ପରମ୍ପରାର ବିଲୁପ୍ତି ଅର୍ଥ ଏକ ଜାତିର ଆତ୍ମାର ବିଲୁପ୍ତି।

ପରିଶେଷରେ ଏତିକି କୁହାଯାଇପାରେ ଯେ, କୁଇ ଲୋକବାଦ୍ୟଗୁଡ଼ିକ କେବଳ କନ୍ଧମାଳର ସୀମା ମଧ୍ୟରେ ଆବଦ୍ଧ ନୁହେଁ, ବରଂ ଏହା ବିଶ୍ୱ ମାନବ ଜାତିର ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆଜିର ବିଶ୍ୱ ଯେତେବେଳେ ଶବ୍ଦର ବିଭୀଷିକା ଓ ମାନସିକ ଅସ୍ଥିରତା ମଧ୍ୟରେ ପୀଡ଼ିତ, ସେତେବେଳେ କୁଇ ସଂସ୍କୃତିର ଏହି ପ୍ରାକୃତିକ ସ୍ୱର-ସଂହିତା ଏକ ପରମ ନିରାକରଣ ସଦୃଶ କାର୍ଯ୍ୟ କରିପାରେ। ଯେପର୍ଯ୍ୟନ୍ତ କୁଇ ପାହାଡ଼ରେ 'ମହୁରୀ'ର ଅମୃତ ଧାରା ପ୍ରବାହିତ ହେଉଥିବ, ଯେପର୍ଯ୍ୟନ୍ତ 'ଟାଙ୍ଗୁ'ର ତାଳରେ ମାଟିରେ ପାଦ ଥରୁଥିବ, ସେପର୍ଯ୍ୟନ୍ତ କୁଇ ସଂସ୍କୃତିର ଅମର ଆତ୍ମା ଜୀବନ୍ତ ରହିବ। ଏହି ନିବନ୍ଧଟି ହେଉଛି ସେହି ପ୍ରତିଟି ଅଜ୍ଞାତ କୁଇ ବାଦ୍ୟକାରଙ୍କ ପାଇଁ ଏକ ଶବ୍ଦମୟ ପ୍ରଣାମ, ଯିଏ ଶୂନ୍ୟତାରୁ ସଙ୍ଗୀତ ସୃଷ୍ଟି କରିବାର ଅଲୌକିକ କଳା ଜାଣିଛି। ଅରଣ୍ୟର ଏହି ଅନାହତ ନାଦ ଚିରନ୍ତନ ହେଉ, ଶସ୍ୟ ଓ ସଙ୍ଗୀତର ଏହି ମୈତ୍ରୀ ଅକ୍ଷୟ ହେଉ। ଏହା ହିଁ ଧରଣୀ ପେନୁଙ୍କ ନିକଟରେ ମୋର ସାହିତ୍ୟିକ ପ୍ରାର୍ଥନା ଏବଂ ନିବନ୍ଧର ଶେଷ ଅର୍ଘ୍ୟ।

**ସହାୟକ ଗ୍ରନ୍ଥସୂଚ**


1. ଦାସ ବାଇଡ଼ଙ୍କ. କନ୍ଧମାଳ ଇତିହାସ. କଟକ: ସତ୍ୟନାରାୟଣ ବୁକ ଷ୍ଟୋର; ୨୦୦୬।
2. ଦାସ ମାଗୁଣି. ଫୁଲବାଣୀର କନ୍ଧସଂସ୍କୃତି. ଭଞ୍ଜନଗର: ବିରଜା କୁମାରୀ ଦାଶ; ୧୯୭୬।
3. ପରିଡା ଡ଼. ସରୋଜ କୁମାର. କନ୍ଧମାଳର ଲୋକସଂସ୍କୃତି. ପୁରୀ: ଲୋକସଂସ୍କୃତି ଗବେଷଣା ପରିଷଦ।
4. ପଟ୍ଟନାୟକ ବି. ସି. ଓଡ଼ିଶାର ଆଦିବାସୀ. କଟକ: ଷ୍ଟୁଡେଣ୍ଟସ୍ ଷ୍ଟୋର; ୧୯୫୦।
5. ରଥ ରଘୁନାଥ. କନ୍ଧ ସଂସ୍କୃତିର ଅନାଲୋଚିତ ଅଧ୍ୟାୟ. କୋରାପୁଟ: ସତ୍ତା ସାହିତ୍ୟ ସଂସଦ; ୧୯୯୩।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.



**About the Corresponding Author**



**ସାହିଲ କୁମାର ନାୟକ** ଓଡ଼ିଆ ଭାଷା ଓ ସାହିତ୍ୟକୁ ଭଲପାଉଥିବା ଜଣେ ନିଷ୍ଠାପର ଉଦୀୟମାନ ଯୁବଗବେଷକ। ଶିକ୍ଷାକ୍ଷେତ୍ରରେ ସେ BA-BED, MA-MED ଏବଂ UGC-NET ରେ ୪ଥର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ବ୍ରହ୍ମପୁର, ଗଞ୍ଜାମ ଠାରେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ। ଲୋକସଂସ୍କୃତି, ଆଦିବାସୀସଂସ୍କୃତି, ତୁଳନାତ୍ମକସାହିତ୍ୟ କ୍ଷେତ୍ରରେ ତାଙ୍କର ବିଶେଷ ରୁଚି ରହିଛି।



**ଡଃ. ସୁଚିତ୍ରା ମହାନ୍ତି** ଜଣେ ସୁପରିଚିତ ସାହିତ୍ୟିକା, କବି, ସମାଲୋଚିକା । ବକ୍ତା ଓ ଦକ୍ଷ ଶିକ୍ଷାବିତ୍ ଭାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଓ ଭାଷା ଆନ୍ଦୋଳନକୁ ନେଇ ତାଙ୍କର ଅନେକ ପ୍ରବନ୍ଧ ଓ ଆଲୋଚନାମାନ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ। ସେ ବିଭିନ୍ନ ସମ୍ମାନରେ ମଧ୍ୟ ସମ୍ମାନିତ। ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ସେ ସଦା ସର୍ବଦା ପ୍ରତିଶ୍ରୁତିବଦ୍ଧ।




© 2026 ସାହିଲ କୁମାର ନାୟକ, ଡ଼. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/